# 2003–04 ବାର୍ଷିକ ବଜେଟ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ
# ଶ୍ରୀ ନବୀନ୍ ପଟନାୟକଙ୍କର ବଜେଟ ଅଭିଭାଷଣ

ମାନନୀୟ ବାଚସ୍ପତି ମହୋଦୟ !

ଏହି ପବିତ୍ର ଗୃହରେ 2003–04 ମସିହା ପାଇଁ ବାର୍ଷିକ ବଜେଟ ଉପସ୍ଥାପନ କରିବାର ସୁଯୋଗ ମୋତେ ପ୍ରଦାନ କରିଥିବାରୁ ମୁଁ ଆପଣଙ୍କ ନିକଟରେ ଏବଂ ମାନ୍ୟବର ସଦସ୍ୟମାନଙ୍କ ନିକଟରେ କୃତଜ୍ଞ । ଅତ୍ୟଧିକ ଦରମା, ପେନ୍‌ସନ୍ ଏବଂ ସୁଧ ଦେୟ ବୋଝ ଯୋଗୁଁ ଚଳିତ ଆର୍ଥିକ ବର୍ଷ ପ୍ରାରମ୍ଭରେ ରାଜ୍ୟ ଏକ ଅଭୁତପୂର୍ବ ଆର୍ଥିକସଂକଟ ଦେଇ ଗତି କରିଆସୁଛି । ଏହିପରିସ୍ଥିତି କେବଳ ଆମ ରାଜ୍ୟରେ ନୁହେଁ ଦେଶର ଅନ୍ୟ ରାଜ୍ୟରେ ମଧ ଦେଖାଦେଇଛି । ଏସବୁ ଦିନରେ ଆର୍ଥିକ ସଂକଟକୁ ମୁକାବିଲା କରିବାପାଇଁ ମୋ ସରକାରଙ୍କୁ ଆପଣମାନଙ୍କର ଗଠନ ମୂଳକ ସହଯୋଗ ପାଇଁ ଯଦି ମୁଁ ଆପଣମାନଙ୍କୁ ହୃଦୟଭରା କୃତଜ୍ଞତା ନଜଣାଏ, ତେବେ ମୁଁ ମୋ କର୍ତ୍ତବ୍ୟରେ ଅବହେଳା କରିବି ।

2002–03 ସଂଶୋଧିତ ଅଟକଳ

2. 2001–02 ଆର୍ଥିକ ବର୍ଷ ଆକଳିତ ଅନ୍ତିମ ଅବଶେଷ 603.52 କୋଟି ଟଙ୍କା ପରିବର୍ତ୍ତେ 1038.52 କୋଟି ଟଙ୍କାର ଏକ ବିରାଟ ଅନ୍ତିମ ଅବଶେଷରେ ପରିଣତ ହୋଇଥିଲା । 2001–02 ମସିହାର ଏହି ଅନ୍ତିମ ଅବଶେଷ 2002–03 ମସିହାର ପ୍ରାରମ୍ଭିକ ଅବଶେଷ ଭାବେ ଅଗ୍ରୋନୀତ ହୋଇଅଛି । ଏହି ଅବଶେଷ 1999 ମସିହାର ମହାବାତ୍ୟା ପରେ କ୍ରମାଗତ ପ୍ରାକୃତିକ ବିପର୍ଯ୍ୟୟ ଯଥା 2000 ମସିହାର ମରୁଡି, 2001 ମସିହାର ଅଭୁତପୂର୍ବ ବନ୍ୟା ଏବଂ ପୁନଶ୍ଚ 2002 ମସିହାର ମରୁଡି ଯୋଗୁଁ ରାଜ୍ୟ ଅର୍ଥନୀତିର ପୌନଃପୌନିକ କ୍ଷତିର ପରିପ୍ରକାଶ ଅଟେ ।

3. ମୁଁ ଆନନ୍ଦର ସହ ଗୃହକୁ ଜଣାଇ ଦେବାକୁ ଚାହେଁଯେ ଗତବର୍ଷ ତୁଳନାରେ ଚଳିତ ବର୍ଷ ରାଜ୍ୟର ନିଜ ଟିକସ ଅଣ ଟିକସ ରାଜସ୍ୱର ଅଭିବୃଦ୍ଧି ହାର 22ରୁ ଊର୍ଦ୍ଧ ପ୍ରତିଶତ ଅଧିକା ହୋଇଅଛି । ରାଜ୍ୟର ନିଜ ରାଜସ୍ୱର ଅଭିବୃଦ୍ଧି ଜଟିଳ ସାଧୋନପାୟ ଅବସ୍ଥାକୁ ଚଳାଇବା ପାଇଁ କିଛି ପରିମାଣରେ ସାହାଯ୍ୟ କରିଛି । କେନ୍ଦ୍ରୀୟ ଟିକସ ବାବଦ ଅଂଶ, ରାଜ୍ୟ ଯୋଜନା ସହାୟତା ଆଗୁଆ ପ୍ରଦାନ ଏବଂ ଜଟିଳ ସମୟରେ ଅନ୍ୟାନ୍ୟ ପ୍ରାପ୍ୟ ପ୍ରଦାନ ଏବଂ ରାଜ୍ୟ ସରକାରଙ୍କୁ ଖୋଲା ବଜାରରୁ ଅଧିକ ଋଣ କରିବାପାଇଁ ଅନୁମତି ଦେବା ଦ୍ୱାରା ଏହି ସମସ୍ୟା କିଛି ପରିମାଣରେ ସମାହିତ ହୋଇଛି । ଭାରତ ସରକାରଙ୍କର ରାଜ୍ୟ ସରକାରଙ୍କୁ କଠିନ ଆର୍ଥିକ ସମୟରେ ସାହାଯ୍ୟ ପ୍ରଦାନ, ଉନ୍ନୟନ ପ୍ରକଳ୍ପର କାର୍ଯ୍ୟକାରିତା ଏବଂ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ଚାଲୁରଖିବାରେ ସାହାଯ୍ୟ କରିଛି ।

ସମ୍ଭାବ୍ୟ ଅନ୍ତିମ ଅବଶେଷ

4. 2002–03 ମସିହାରେ ବାର୍ଷିକ ଯୋଜନା ପାଇଁ ଆକଳିତ ମୋଟ ସମ୍ବଳ 3100 କୋଟି ଟଙ୍କା ମଧ୍ୟରୁ 169.71 କୋଟି ଟଙ୍କା ସରକାରୀ ଉଦ୍ୟୋଗ ହିସାବରେ ଥିବାବେଳେ ଅବଶିଷ୍ଟ

2930.29 କୋଟି ଟଙ୍କା ରାଜ୍ୟ ବଜେଟ୍‌ରେ ଥିଲା । ମୂଳ ବଜେଟରେ 305 କୋଟି ଟଙ୍କାର ଅସଂଲଗ୍ନ ସମ୍ବଳ ବ୍ୟବସ୍ଥା ଥିଲା ବେଳେ ପ୍ରାୟ 738 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିଲା । ଏତଦ୍‌ବ୍ୟତୀତ, ପ୍ରଥମ ଅତିରିକ୍ତ ଖର୍ଚ୍ଚ ବ୍ୟବସ୍ଥା ଅନୁଯାଇ, ଆଦିବାସୀ ହରିଜନ ଛାତ୍ରବୃତ୍ତି, ଇନ୍ଦିରା ଆବାସ ଯୋଜନା ଅନ୍ତର୍ଗତ ରାଜ୍ୟ ଅଂଶ, ବାର୍ଦ୍ଧକ୍ୟଭତ୍ତା, ଶିକ୍ଷା ସହାୟକଙ୍କୁ ପାରିଶ୍ରମିକ ଏବଂ ରାଜ୍ୟର ସରକାରୀ କର୍ମଚାରୀଙ୍କୁ ମହଙ୍ଗାଭତ୍ତା ଇତ୍ୟାଦି ବାବଦକୁ ନେଟ୍ 578 କୋଟି ଟଙ୍କାର ଅତିରିକ୍ତ ବ୍ୟୟ ବରାଦ କରିଥିଲେ । ସୁତରାଂ ମୋଟ ନିଅଣ୍ଟ ପରିମାଣ 2050 କୋଟି ଟଙ୍କା ପାଖାପାଖି ହେବ । ଏହା ମଧ୍ୟରେ 1040 କୋଟି ଟଙ୍କାର ପ୍ରାଥମିକ ଅବଶେଷ ଅନ୍ତର୍ଭୁକ୍ତ ଅଟେ ।

5. ଇତି ମଧ୍ୟରେ ଭାରତ ସରକାର ଏହି ପୁନଃସଂଘଠିତ ଅଧିକ ଉଠାଣ ଅବସ୍ଥାରୁ (Recurring Overdraft) ମୁକୁଳିବା ପାଇଁ 2002–03 ମସିହାରେ ମଧ୍ୟମକାଳୀନ ଋଣ ବାବଦରେ 692 କୋଟି ଟଙ୍କା ପ୍ରଦାନ କରିଛନ୍ତି । ଏହା ପ୍ରାଥମିକ ନିଅଣ୍ଟର କିଛି ଅଂଶ ଭରଣା କରିବ । ପୁନଶ୍ଚ ଓଡିଶା ସରକାରଙ୍କ ଅନୁରୋଧ କ୍ରମେ ଭାରତ ସରକାର ମଧ୍ୟ ଖୋଲାବଜାରରୁ ଅତିରିକ୍ତ ଋଣ ବାବଦରେ 700 କୋଟି ଟଙ୍କା ମଞ୍ଜୁର କରିଛନ୍ତି, ଯହିଁରୁ 400 କୋଟି ଟଙ୍କା ଋଣ ବିନିମୟ ଯୋଜନା 2002 ଅନ୍ତର୍ଗତ ଉଚ୍ଚ ସୁଧହାରରେ ଅଣାଯାଇଥିବା ସ୍ୱଳ୍ପ ସଞ୍ଚୟ ଋଣ ପରିଶୋଧ ପାଇଁ ବ୍ୟୟ କରାଯିବ । ସୁତରାଂ ପ୍ରଥମେ ଧାର୍ଯ୍ୟ କରାଯାଇଥିବା 514 କୋଟି 71 ଲକ୍ଷ ଟଙ୍କା କୁ ବାଦ୍ ଦେଇ ଏହି ଅତିରିକ୍ତ 300 କୋଟି ଟଙ୍କା ଋଣ ରାଜ୍ୟ ସରକାରଙ୍କୁ ଉପଲବ୍ଧ ହେବ । ଏହିପରି ଭାବେ ଅନ୍ତିମ ଅବଶେଷ 992 କୋଟି ଟଙ୍କା ପର୍ଯ୍ୟନ୍ତ କମିଯିବ ବୋଲି ଆକଳନ କରାଯାଇଛି (To be reduced by Rs.992.00 Cr.) ।

6. ଆଶାକରାଯାଉଛି ଯେ ରାଜ୍ୟର ନିଜ ଟିକସ ଓ ଅଣ ଟିକସ ରାଜସ୍ୱ ଆୟ ମୂଳ ବଜେଟରେ ପରିକଳ୍ପିତ ଟଙ୍କାଠାରୁ 140 କୋଟି ଟଙ୍କା ଅଧିକ ହେବ । ସେହିପରି ମୂଳ ବଜେଟରେ ପରିକଳ୍ପିତ ହୋଇଥିବା ସ୍ୱଳ୍ପ ସଞ୍ଚୟ ଋଣଠାରୁ 200 କୋଟି ଟଙ୍କା ଅଧିକ ମିଳିବ । ତନ୍ମଧ୍ୟରୁ 100 କୋଟି ଟଙ୍କା ଭାରତ ସରକାରଙ୍କଠାରୁ ପୂର୍ବରୁ ଅଧିକ ସୁଧ ହାରରେ ଅଣାଯାଇଥିବା ଋଣ ପରିଶୋଧ ବାବଦରେ ବ୍ୟବହୃତ ହେବ । ଏହା ଆଶା କରାଯାଉଛି ଯେ 2001–02 ମସିହା ପାଇଁ ଅନ୍ତିମ ଅବଶେଷ 1040 କୋଟି ଟଙ୍କା ଥିବାବେଳେ 2002–03 ମସିହା ବେଳକୁ ଏହା କମି ପାଖାପାଖି 600 କୋଟି ଟଙ୍କାରେ ପହଞ୍ଚିବ ।

ବର୍ତ୍ତମାନ ମୁଁ 2003–04 ବଜେଟ ଅଟକଳ ଉପରେ ଆଲୋକପାତ କରୁଛି –

୨୦୦୩–୦୪ ର ବଜେଟ ଅଟକଳ

7. ମୁଁ ଏହି ପବିତ୍ର ଗୃହକୁ ସୂଚାଇ ଦେବାକୁ ଚାହେଁ ଯେ, 2003–04 ପାଇଁ ବଜେଟ ସମ୍ପର୍କୀୟ ପ୍ରସ୍ତାବ ମଧ୍ୟମକାଳୀନ ଆର୍ଥିକ ସଂସ୍କାରରେ ଯୋଜନାପାଇଁ ଥିବା ଆର୍ଥିକ ଲକ୍ଷ୍ୟ ଏବଂ ବିଭିନ୍ନ ନିର୍ଦ୍ଧାରଣ ଦ୍ୱାରା ପ୍ରସ୍ତୁତ ହୋଇଅଛି । ଏହି ମଧ୍ୟମକାଳୀନ ଆର୍ଥିକ ସଂସ୍କାର ଯୋଜନା ତା.11.10.2001 ରିଖରେ ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ୍ ଅଧୀନରେ ଥିବା ବ୍ୟୟ୍ ବିଭାଗ ସହିତ ସ୍ୱାକ୍ଷରିତ ହୋଇଥିବା ବୁଝାମଣା ପତ୍ର ଅନୁସାରେ ପ୍ରସ୍ତୁତ ହୋଇଛି । ମାନ୍ୟବର ସଦସ୍ୟମାନେ ଦୟାକରି ସ୍ମୃତିଚାରଣ କଲେ ଜାଣିବେ ଯେ, ଏହି ମଧ୍ୟମକାଳୀନ ଆର୍ଥିକ ସଂସ୍କାର ଯୋଜନା ଓ ବୁଝାମଣା ପତ୍ର ଏହି ପବିତ୍ର ଗୃହରେ ତା.17.12.2001 ରିଖରେ ଉପସ୍ଥାପିତ ହୋଇଥିଲା । ଏହି ବୁଝାମଣା ପତ୍ରର ଚୁକ୍ତି ଅନୁସାରେ 2000–01 ମସିହା ଠାରୁ ଆରମ୍ଭ ହୋଇ 2004–05 ମସିହା ପର୍ଯ୍ୟନ୍ତ ପାରସ୍ପରିକ ବର୍ଷମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ଆର୍ଥିକ ଲକ୍ଷ୍ୟ ହାସଲ ନିମିତ୍ତ ରାଜ୍ୟ ସରକାର ବ୍ୟୟ୍ ସଂକୋଚନ ଏବଂ ରାଜସ୍ୱ ଆଦାୟ୍ ପଦକ୍ଷେପ ନେବାପାଇଁ ପ୍ରତିଶ୍ରୁତି ବଦ୍ଧ । ଯଦି ରାଜ୍ୟ ସରକାର ଏସବୁ ପଦକ୍ଷେପ ନନିଅନ୍ତି ତେବେ କେବଳ ଭାରତ ସରକାରଙ୍କ ଠାରୁ ଆର୍ଥିକ ପ୍ରୋତ୍ସାହନ ଅନୁଦାନ ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ, ତାହା ନୁହେଁ ରାଜ୍ୟର ଅର୍ଥନୈତିକ ଓ ସାମାଜିକ ବିକାଶ ପାଇଁ ନିହାତି ଆବଶ୍ୟକ ହେଉଥିବା ବୈଦେଶିକ ସାହାଯ୍ୟ ମଧ୍ୟ ପ୍ରାପ୍ତ ହେବ ନାହିଁ ।

8. 1991–92 ମସିହାଠାରୁ 2000–01 ମସିହା ପର୍ଯ୍ୟନ୍ତ ରାଜ୍ୟର ନିଜ ଟିକସ ରାଜସ୍ୱର ଅଭିବୃଦ୍ଧି ହାର 12.85 ପ୍ରତିଶତ ଥିଲା । ବିଭିନ୍ନ ସଂସ୍କାର ମୂଳକ ପଦକ୍ଷେପ ଓ ରାଜସ୍ୱ ଆଦାୟ୍ ପାଇଁ କଡାକଡି ପଦକ୍ଷେପକୁ ଆଖି ଆଗରେ ରଖି 2001–02 ଆର୍ଥିକ ବର୍ଷର ପ୍ରକୃତ ଟିକସ ସଂଗ୍ରହ ଉପରେ ପ୍ରତି ବର୍ଷ 13 ପ୍ରତିଶତ ଅଭିବୃଦ୍ଧି ହାରରେ 2003–04 ଆର୍ଥିକ ବର୍ଷ ପାଇଁ ରାଜସ୍ୱ ଆକଳନ କରିଯାଇଛି । 2001–02 ମସିହାରେ ରାଜ୍ୟର ନିଜ ଟିକସ ପ୍ରାୟ୍ 2467 କୋଟି ଟଙ୍କା ଥିଲା । 2002–03 ମସିହାରେ ବଜେଟ୍ ଅଟକଳ 2880 କୋଟି ଟଙ୍କା ଥିଲା ବେଳେ ସଂଶୋଧିତ ଅଟକଳ 2980 କୋଟି ଟଙ୍କା ଅଟେ ଏବଂ 2003–04 ମସିହା ପାଇଁ ବଜେଟ୍ ଅଟକଳ 3168 କୋଟି ଟଙ୍କା କରାଯାଇଛି ।

9. 2000–01 ଓ 2001–02 ମସିହାରେ ରାଜ୍ୟର ନିଜର ଅଣଟିକସ ରାଜସ୍ୱ ପରିମାଣ ଯଥାକ୍ରମେ 667 କୋଟି ଟଙ୍କା ଏବଂ 620 କୋଟି ଟଙ୍କା ଥିଲା । 2002–03 ମସିହାର ବଜେଟ୍ ଅଟକଳ 834 କୋଟି ଟଙ୍କା ଥିଲା ବେଳେ ସଂଶୋଧିତ ଅଟକଳ 874 କୋଟି ଟଙ୍କା ଅଟେ । 2003–04 ମସିହା ପାଇଁ ବଜେଟ୍ ଅଟକଳ 917.13 କୋଟି ଟଙ୍କା ଅଟେ ।

ମୂଲ୍ୟଯୁକ୍ତ ଟିକସ ପ୍ରଚଳନ

10. ସବୁ ରାଜ୍ୟର ସହମତି କ୍ରମେ ପ୍ରଚଳିତ ଥିବା ବିକ୍ରୀ ଟିକସ ପରିବର୍ତ୍ତେ ତା.01.04.03 ରିଖ ଠାରୁ ମୂଲ୍ୟଯୁକ୍ତ ଟିକସ ପ୍ରବର୍ତ୍ତନ କରାଯିବ । ମୂଲ୍ୟଯୁକ୍ତ ଟିକସର ସାରମର୍ମ ହେଲା – ଏହା ହେଉଛି ଏକ ଲକ୍ଷ୍ୟସ୍ଥଳ ଭିତ୍ତିକ ଟିକସ; ଯାହାକୁ ଉପଭୋକ୍ତା ଦେବାବେଳେ ମଧ୍ୟବର୍ତ୍ତୀ ସ୍ତରରେ ଆଦାୟ ହୋଇଥିବା ଟିକସକୁ ମଧ୍ୟ ବିଚାରକୁ ନିଆଯିବ । ମୂଲ୍ୟଯୁକ୍ତ ଟିକସ ପ୍ରଚଳନ ଦ୍ୱାରା ସମଗ୍ର ଦେଶରେ ଏକ ଏକୀକୃତ ବଜାର ସୃଷ୍ଟି ହେବ । ବ୍ୟବସାୟିକ କାରବାରରେ ଟିକସ ବ୍ୟବସ୍ଥା ସରଳୀକୃତ ଓ ସ୍ୱଚ୍ଛ ହେବ । କେହି ମନଇଚ୍ଛା ଟିକସ ଧାର୍ଯ୍ୟ କରିପାରିବେ ନାହିଁ । କେହି କେହି ଆଶଙ୍କା ବ୍ୟକ୍ତ କରୁଛନ୍ତି ଯେ, ମୂଲ୍ୟଯୁକ୍ତ ଟିକସ ପ୍ରଚଳନ ଦ୍ୱାରା ପ୍ରଭୂତ ରାଜସ୍ୱ କ୍ଷତି ହେବ । କିନ୍ତୁ ଏହା ପ୍ରକୃତ ତଥ୍ୟ ଉପରେ ଆଧାରିତ ନୁହେଁ । ମୂଲ୍ୟଯୁକ୍ତ ଟିକସ ପ୍ରଣାଳୀ ରେ ନୂଆ ଟିକସ ଭାର ଏପରି ଭାବେ ସ୍ଥିରୀକୃତ ହେବଯେ, ତାହା ଆଶଙ୍କା କରାଯଉଥିବା ରାଜସ୍ୱ କ୍ଷତିକୁ ପ୍ରତିହତ କରିପାରିବ । ଏହାଛଡା ସହଯୋଗମୂଳକ ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ର ସରକାର ରାଜ୍ୟ ମାନଙ୍କର କ୍ଷତି ଭରଣା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ପ୍ରଥମ ବର୍ଷରେ ଶତକଡା 100, ଦ୍ୱିତୀୟ ବର୍ଷରେ ଶତକଡା 75 ଓ ତୃତୀୟ ବର୍ଷରେ ଶତକଡା 50 କ୍ଷତିପୂରଣ କେନ୍ଦ୍ର ସରକାର କରିବେ ।

କେନ୍ଦ୍ରଠାରୁ ମିଳୁଥିବା ଅର୍ଥର ଆକଳନ

11. କେନ୍ଦ୍ରୀୟ ଟିକସ ବାବଦ ଅଂଶ, କେନ୍ଦ୍ରୀୟ ସହାୟତା ଓ ଋଣର ପରିକଳ୍ପନା କଲାବେଳେ ଅଭିବୃଦ୍ଧିହାର 12 ପ୍ରତିଶତ ହେବ ବୋଲି ହିସାବକୁ ନିଆଯାଇଛି । 2003–04 ମସିହା ପାଇଁ କେନ୍ଦ୍ରୀୟ ଟିକସରୁ ରାଜ୍ୟ ଅଂଶ ବାବଦକୁ 2003–04 ମସିହାରେ 3431 କୋଟି ଟଙ୍କାର ଅଟକଳ କରାଯାଇଛି ।

12. ଏକାଦଶ ଅର୍ଥ କମିଶନଙ୍କ ସୁପାରିଶ କ୍ରମେ ଓ ଅନ୍ୟାନ୍ୟ ଅଣଯୋଜନା ଅନୁଦାନକୁ ହିସାବକୁ ନେଇ 2003–04 ମସିହା ପାଇଁ ଅଣଯୋଜନା ଅନୁଦାନ 169.00 କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି ।

ମୋଟ ଅଣଯୋଜନା ରାଜସ୍ୱ ଖର୍ଚ୍ଚ

13. 1998–99 ମସିହାରେ ମୋଟ ଅଣଯୋଜନା ରାଜସ୍ୱ ଖର୍ଚ୍ଚ 5170.50 କୋଟି ଟଙ୍କା ଥିଲାବେଳେ 2001–02 ମସିହା ବେଳକୁ ଏହା 8061.16 କୋଟି ଟଙ୍କାକୁ ବୃଦ୍ଧି ପାଇଛି ଏବଂ 2002–03 ମସିହାର ସଂଶୋଧିତ ଅଟକଳ ଅନୁଯାଇ ଏହା 9310.68 କୋଟି ହେବ ବୋଲି ଅଟକଳ କରାଯାଉଥିବା ବେଳେ 2003–04 ମସିହା ବେଳକୁ ଏହା 9811.59 କୋଟି ଟଙ୍କାକୁ ବୃଦ୍ଧି ପାଇବ ବୋଲି ଆକଳନ ହୋଇଛି । ପେନ୍‌ସନ୍ ଓ ସୁଧ ଦେୟରେ ଏହା ମୁଖ୍ୟତଃ ବୃଦ୍ଧି ପାଇଛି ।

2003–04 ମସିହା ପାଇଁ ଅଣଯୋଜନା ରାଜସ୍ୱ ଖର୍ଚ୍ଚ ମୁଖ୍ୟ ଅଂଶ

14. ଅଣଯୋଜନା ରାଜସ୍ୱ ଖର୍ଚ୍ଚର ମୁଖ୍ୟଭାଗ ହେଉଛି – ଦରମା, ପେନ୍‌ସନ୍, ସୁଧଦେୟ, ଖାଦ୍ୟବାବଦରେ ସବ୍‌ସିଡ, ରିଲିଫ ଖର୍ଚ୍ଚ, ପୁଞ୍ଜି ସମ୍ପତ୍ତି ପରିଚାଳନା ଇତ୍ୟାଦି । ସଭ୍ୟମାନେ ଜାଣି

ଖୁସିହେବ ଯେ ଦରମା, ସୁଧଦେୟ, ପେନ୍‌ସନ୍, ରିଲିଫ ଖର୍ଚ୍ଚ ଓ ପୁଞ୍ଜି ସମ୍ପତ୍ତି ପରିଚାଳନା ପାଇଁ ଗତବର୍ଷ ତୁଳନାରେ ବଜେଟ୍‌ରେ ଅଧିକ ଅର୍ଥ ବ୍ୟବସ୍ଥା କରାଯାଇଛି ।

15. 2003–04 ମସିହା ବାର୍ଷିକ ଯୋଜନା ପାଇଁ 3400 କୋଟି ଟଙ୍କାର ସମ୍ବଳ ଆକଳନ କରାଯାଇଛି । ତନ୍ମଧ୍ୟରୁ 3209.92 କୋଟି ଟଙ୍କା ସରକାରଙ୍କ ବଜେଟ୍‌ରେ ଦର୍ଶାଯାଇଥିବା ବେଳେ ବାକି 190.08 କୋଟି ଟଙ୍କା ସରକାରୀ ଉଦ୍ୟୋଗ ହିସାବରେ ଦର୍ଶାଯାଇଛି ।

## 2003–04 ମସିହା ବଜେଟର କେତେକ ମୁଖ୍ୟାଂଶ –

ଶ୍ରୀ ଜଗନ୍ନାଥ ମନ୍ଦିର ପାଇଁ ସ୍ୱତନ୍ତ୍ର ପାଣ୍ଠି ବ୍ୟବସ୍ଥା

16. ଓଡିଶାର ଅଧିକାଂଶ ଜନସାଧାରଣ ଯେତେ ବେଳେ କୌଣସି ନୂତନ କାର୍ଯ୍ୟ ଆରମ୍ଭ କରନ୍ତି କିମ୍ବା ଶୁଭ କାର୍ଯ୍ୟ କରିବାକୁ ଚିନ୍ତା କରନ୍ତି ସେତେବେଳେ ଜଗତର ନାଥ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିଥାନ୍ତି । ବିନା ଦ୍ୱିଧାରେ ଏହି ମହାନ୍ ଗୃହରେ ମୁଁ ପ୍ରକାଶ କରିବାକୁ ଚାହେଁ ଯେ ଶ୍ରୀ ଜଗନ୍ନାଥ ମହାପ୍ରଭୁ ସମସ୍ତ ବିପଦ ଆପଦରେ ଆମମାନଙ୍କର ସାହା ଭରସା ହୋଇଛନ୍ତି । ଏ ଗୃହର ସମସ୍ତ ମାନ୍ୟବର ସଭ୍ୟମାନେ ଜାଣି ଖୁସି ହେବେ ଯେ, ରାଜ୍ୟ ସରକାର ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରର ଉନ୍ନୟନ ଓ ସୁପରିଚାଳନା ନିମିତ୍ତ ପ୍ରତିଷ୍ଠା କରାଯାଇଥିବା ଏକ ସ୍ୱତନ୍ତ୍ର ପାଣ୍ଠି ପାଇଁ 5.00 କୋଟି ଟଙ୍କାର ଏକ ବ୍ୟୟ ବରାଦ ଆସନ୍ତା ବର୍ଷ ବଜେଟରେ କରିଛନ୍ତି ।

ବୃଦ୍ଧ, ଅସହାୟ ଓ ବିଧବା ମାନଙ୍କ ପାଇଁ ଭତ୍ତା

ଆର୍ଥିକ ଦୁର୍ଗତି ମଧ୍ୟରେ କାଳାତିପାତ କରୁଥିବା ବୃଦ୍ଧ, ଅସହାୟ ଓ ବିଧବାମାନେ ସମାଜର ପ୍ରତ୍ୟେକ ବ୍ୟକ୍ତିଠାରୁ ସାହାଯ୍ୟ ଓ ସହାନୁଭୂତି ଆବଶ୍ୟକ କରନ୍ତି । ଏହି କାରଣରୁ 2002–03 ମସିହାରେ ବାର୍ଦ୍ଧକ୍ୟ ଭତ୍ତା ଅଧିକ 50 ହଜାର ଟଙ୍କା ମଂଜୁର କରାଯାଇଛି ଏବଂ ଏହାକୁ ମିଶାଇ ମୋଟ ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ବ୍ୟକ୍ତିଙ୍କ ସଂଖ୍ୟା 6 ଲକ୍ଷ 40 ହଜାରରେ ପହଞ୍ଚିଛି । ସେଥିପାଇଁ ଆସନ୍ତା ବର୍ଷ ବଜେଟରେ 76 କୋଟି 80 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି । ସେହିପରି ଓଡିଶା ଅର୍କମଣ୍ୟ ଯୋଜନାରେ ଥିବା ହିତାଧିକାରୀଙ୍କ ସଂଖ୍ୟାକୁ ଅଧିକ ତିରିଶ ହଜାରକୁ ବୃଦ୍ଧି କରାଯିବା ଦ୍ୱାରା ଏହି ଯୋଜନାରେ ଉପକୃତ ହେଉଥିବା ବ୍ୟକ୍ତିଙ୍କ ସଂଖ୍ୟା ଏକ ଲକ୍ଷରେ ପହଞ୍ଚି ପାରିଛି । ସେଥିପାଇଁ ଆସନ୍ତା ବର୍ଷ ବଜେଟରେ ବାର କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ସମସ୍ତ ବାର୍ଦ୍ଧକ୍ୟ ଭତ୍ତା ଓ ଶାରୀରିକ ଅକର୍ମଣ୍ୟ ଯୋଜନାରେ ଭତ୍ତା ପାଉଥିବା ବ୍ୟକ୍ତି ମାନଙ୍କୁ ପ୍ରତ୍ୟେକ ମାସରେ ଗୋଟିଏ ଦିନରେ ଅର୍ଥାତ୍ ପ୍ରତ୍ୟେକ ମାସର 15 ତାରିଖ ଦିନ ଯାହା "ଜନସେବା ଦିବସ" ଭାବେ ନାମିତ କରାଯାଇଛି, ସେହି ଦିନରେ ପେନସନ୍ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି ।

ରାଜ୍ୟରେ ମିଶନ ଶକ୍ତି ଯୋଜନାରେ ପ୍ରାୟ 73 ହଜାର ନୂତନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ କରାଯାଇଅଛି । ଏହି ସ୍ୱୟଂ ସହାୟିକା ଗୋଷ୍ଠୀରେ ପ୍ରାୟ 10 ଲକ୍ଷ ସଦସ୍ୟା 30 କୋଟି ଟଙ୍କାର ସଞ୍ଚୟ ସୃଷ୍ଟି କରିପାରିଛନ୍ତି । ରାଜ୍ୟରେ ଥିବା ପ୍ରାୟ 18000 ଦୁର୍ବଳ ମହିଳା ସ୍ୱୟଂ

ସହାୟିକା ଗୋଷ୍ଠୀ ମାନଙ୍କର ଆର୍ଥିକ ଉନ୍ନତି ନିମନ୍ତେ 2002–03 ଆର୍ଥିକ ବର୍ଷରେ 2 କୋଟି 25 ଲକ୍ଷ ଟଙ୍କାର ଆର୍ଥିକ ସାହାଯ୍ୟ ପ୍ରଦାନ କରାଯାଇଅଛି ।

ସମ୍ମନ୍ବିତ ଶିଶୁ ବିକାଶ କାର୍ଯକ୍ରମ ଅନ୍ତର୍ଗତ ଅଙ୍ଗନବାଡି କେନ୍ଦ୍ରମାନଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ଅନ୍ତର୍ଗତ ସ୍ୱତନ୍ତ୍ର ପୁଷ୍ଟିକର ଯୋଜନା କାର୍ଯ୍ୟକ୍ରମରେ 5 କୋଟି ଟଙ୍କା, ପ୍ରଧାନମନ୍ତ୍ରୀ ଗ୍ରାମୋଦୟ ଯୋଜନା ଜରିଆରେ ସମାଜର ଆର୍ଥିକ ଦୁର୍ଦ୍ଦଶାଗ୍ରସ୍ଥ ମହିଳା ଏବଂ ଶିଶୁମାନଙ୍କୁ ଖାଦ୍ୟ ଯୋଗାଇ ଦେବା ପାଇଁ 27 କୋଟି 50 ଲକ୍ଷ ଟଙ୍କା, ରାଜ୍ୟର କେ.ବି.କେ ଅଞ୍ଚଳ ଏବଂ ଆଇ.ଟି.ଡି.ଏ ବ୍ଲକ ମାନଙ୍କରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକାରୀ କରିବା ପାଇଁ 9 କୋଟି 50 ଲକ୍ଷ ଟଙ୍କା ଏବଂ କେ.ବି.କେ ଅଞ୍ଚଳରେ ଜରୁରୀ ଖାଦ୍ୟ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ପାଇଁ 15 କୋଟି 71 ଲକ୍ଷ ଟଙ୍କା ବ୍ୟୟ ଯୋଜନା ଅଟକଳ କରାଯାଇଅଛି । ଏତଦ୍‌ବ୍ୟତୀତ, ସଂଶୋଧିତ ଦୀର୍ଘ ମିଆଦି କାର୍ଯ୍ୟକ୍ରମ ଅନୁଯାୟୀ 3 ବର୍ଷରୁ କମ୍ ଶିଶୁମାନଙ୍କର ସ୍ୱତନ୍ତ୍ର ପୁଷ୍ଟିକର ଖାଦ୍ୟ ଯୋଗାଣ ନିମିତ୍ତ 10 କୋଟି 84 ଲକ୍ଷ ଟଙ୍କାର ବ୍ୟୟ ଯୋଜନା ଅଟକଳ କରାଯାଇଅଛି ।

ଜାତୀୟ ପୁଷ୍ଟି ଲକ୍ଷ୍ୟ କାର୍ଯ୍ୟକ୍ରମରେ ଏକ ପାଇଲଟ୍ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି, ଯେଉଁଥିରେ କି କୋରାପୁଟ ଏବଂ କଳାହାଣ୍ଡି ଜିଲ୍ଲାରେ ପ୍ରାୟ 96 ହଜାର ପୁଷ୍ଟିହୀନା କିଶୋରୀ, ଗର୍ଭବତୀ ମହିଳା ଏବଂ ସ୍ତନ୍ୟ ପାନ କରାଉଥିବା ମାଆମାନଙ୍କୁ ମାଗଣା ଖାଦ୍ୟ ଯୋଗାଇ ଦିଆଯିବ । ଏହି ଯୋଜନା ପାଇଁ 2003–04 ଆର୍ଥିକ ବର୍ଷରେ ମୋଟ 537.51 ଲକ୍ଷ ଟଙ୍କାର ବ୍ୟୟ ବରାଦ ଅଟକଳ କରାଯାଇଅଛି ।

ଆଦିବାସୀ ଓ ହରିଜନ ଛାତ୍ରଛାତ୍ରୀ ବୃତ୍ତି

ହରିଜନ ଓ ଆଦିବାସୀ ଛାତ୍ର ମାନଙ୍କ ପାଇଁ ପ୍ରାକ୍ ମ୍ୟାଟ୍ରିକ୍ ଓ ପରବର୍ତ୍ତୀ ମ୍ୟାଟ୍ରିକ୍ ବୃତ୍ତି ବ୍ୟବସ୍ଥା ପୁରାମାତ୍ରାରେ ବଜେଟରେ କରାଯାଇଛି । ଓଡିଶା ଆଦିବାସୀ ମହିଳା ସଶକ୍ତିକରଣ ଓ ଜୀବିକା ନିର୍ବାହ କାର୍ଯ୍ୟକ୍ରମ 430 କୋଟି ଟଙ୍କା ବ୍ୟୟ ଅଟକଳରେ ଦକ୍ଷିଣ ଓଡିଶାର 30 ଟି ଆଦିବାସୀ ଅଧ୍ୟୁସିତ ବ୍ଲକ୍‌ରେ କାର୍ଯ୍ୟକାରୀ କରାଯାଉଅଛି । ଏହି ପ୍ରକଳ୍ପ ପାଇଁ IFAD, DFID ଓ WFP ଆଦି ଆର୍ନ୍ତଜାତିକ ସଂସ୍ଥା ଆର୍ଥିକ ସହାୟତା ଯୋଗାଇ ଦେବେ । ଏହି ପ୍ରକଳ୍ପ ପାଇଁ ଆସନ୍ତା ବର୍ଷ ବଜେଟରେ 21 କୋଟି 47 ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି । ବିପଦ ବେଳେ ଖାଦ୍ୟ ସଂଗ୍ରହ ପାଇଁ 2003–04 ମସିହାରେ 700 ଶସ୍ୟ ବ୍ୟାଙ୍କ ପ୍ରତିଷ୍ଠା କରିବା ପାଇଁ ପ୍ରସ୍ତାବ ରହିଅଛି ଏବଂ ଏଥିପାଇଁ ବଜେଟରେ ବ୍ୟୟ ବରାଦ କରାଯାଇଛି । ଏହାଦ୍ୱାରା ଦୁର୍ଗମ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଖାଦ୍ୟ ଓ ଅନାହାର ଜନିତ ବିଭିନ୍ନ ସମସ୍ୟାର ସଫଳ ମୁକାବିଲା କରାଯାଇପାରିବ ।

କୃଷି

17. କୃଷି ରାଜ୍ୟ ଅର୍ଥନୀତିରେ ଏକ ପ୍ରମୁଖ ସ୍ଥାନ ଗ୍ରହଣ କରିଛି । ଏହା ରାଜ୍ୟ ଘରୋଇ ଉତ୍ପାଦନର 33 ପ୍ରତିଶତ ଅଟେ । ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ 64 ଭାଗ ଲୋକ କୃଷି ଉପରେ ନିର୍ଭର କରି ନିଜର ଜୀବିକା ନିର୍ବାହ କରିଥାନ୍ତି ।

ଫୁଲ ଚାଷ, ଫଳଚାଷ, ଯାନ୍ତ୍ରିକ କୃଷି, ମାଛ ଚାଷ ଓ ଗୋପାଳନ ଇତ୍ୟାଦି କାର୍ଯ୍ୟକ୍ରମ ପାଇଁ ଯୁବ ଉଦ୍ୟୋଗୀ ମାନଙ୍କୁ ପ୍ରୋତ୍ସାହନ ଦେବା ନିମନ୍ତେ ସରକାର ଆସନ୍ତା ବର୍ଷ ପାଇଁ 5 କୋଟି 19 ଲକ୍ଷ ଟଙ୍କାର ବ୍ୟୟ ବରାଦ କରିଅଛନ୍ତି । ଏହି ପାଣ୍ଠି ଆପିକଲ ଜରିଆରେ ପରିଚାଳିତ ହେବ । ଉଦ୍ୟୋଗପତିଙ୍କର ବାସ୍ତବ କାର୍ଯ୍ୟଦକ୍ଷତାକୁ ବିଚାରକୁ ନେଇ ପ୍ରୋତ୍ସାହନ ପ୍ରଦାନ କରାଯିବାର ବ୍ୟବସ୍ଥା ଅଛି । ଘରୋଇ ଉଠା ଜଳସେଚନ, ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍, ପନିପରିବା, ଦୁଗ୍ଧଜାତୀୟ ସାମଗ୍ରୀର ପରିବହନ, ଆଗ୍ରୋ ସର୍ଭିସ ସେଣ୍ଟର, ଡାଅଁଳ କେନ୍ଦ୍ର ପ୍ରତିଷ୍ଠା ଇତ୍ୟାଦି ଏହି ପ୍ରେତ୍ସାହନର ଅର୍ନ୍ତଭୁକ୍ତ ଅଟେ ।

ଆତ୍ମନିଯୁକ୍ତି ପାଇଁ ଉଦ୍ୟାନ କୃଷିକୁ ଆମ ସରକାର ପ୍ରୋତ୍ସାହିତ କରିବେ । ଦେଶରେ ଓଡିଶା ହେଉଛି ପ୍ରଥମ ରାଜ୍ୟ ଯେଉଁଠାରେ କି ଜୈବିକ ଅଦା, ହଳଦୀ ଉତ୍ପାଦନ ହେଉଛି । କୃଷି ରପ୍ତାନୀ ଅଞ୍ଚଳ (Agri Export Zone) ପ୍ରତିଷ୍ଠା ପାଇଁ ନିକଟ ଭବିଷ୍ୟତରେ APEDA ସହିତ ଜୈବିକ ଅଦା ଓ ହଳଦୀ ରପ୍ତାନୀ ପାଇଁ ଚୁକ୍ତିନାମା ସ୍ୱାକ୍ଷର ହୋଇଛି । ଆମ ସରକାର କନ୍ଧମାଳ ଓ କୋରାପୁଟ ଜିଲ୍ଲାର ଏହି କୃଷି ରପ୍ତାନୀ ଅଞ୍ଚଳର (Agri Export Zone) ଉନ୍ନୟନ ପାଇଁ ବଦ୍ଧ ପରିକର । ବିଭିନ୍ନ ସୁବିଧା ଓ ପ୍ରୋତ୍ସାହନ ଯୋଗାଇ ଦେଇ ଏହି ଅଞ୍ଚଳରେ କୃଷିଜାତ ପ୍ରକ୍ରିୟା ଶିଳ୍ପ (Processing Industry) ପ୍ରତିଷ୍ଠା କରିବା ପାଇଁ ଦରକାରୀ ସୁବିଧା ଓ ପ୍ରୋତ୍ସାହନ ଯୋଗାଇ ଦିଆଯିବ ।

ଅତିରିକ୍ତ ଜଳସେଚନ ସୁବିଧା ସୃଷ୍ଟି, ଏହାର ସୁପରିଚାଳନା ଏବଂ ଜଳ ସମ୍ପଦର ବାସ୍ତବ ଉପଯୋଗ ମୋ ସରକାରର ପ୍ରଧାନ ଲକ୍ଷ୍ୟ ଅଟେ । ଏଣୁ ଭୂତଳ ଜଳର ବିନିଯୋଗ କରି ଅତିରିକ୍ତ ଜଳ ସେଚନ ସୁବିଧା ସକାଶେ 15 କୋଟି ଟଙ୍କା ଯୋଗାଇ ଦେଇ ଏକ ଲକ୍ଷ ଅଗଭୀର ଓ ଗଭୀର ନଳକୂପ ବସାଇବା ପାଇଁ 2003–04 ଆର୍ଥିକ ବର୍ଷରେ ଏକ ସ୍ୱତନ୍ତ୍ର ଅଭିଯାନ କରାଯିବ । ଏହା ରାଜ୍ୟର କୃଷି ଉତ୍ପାଦନର ଅଭିବୃଦ୍ଧିରେ ସହାୟକ ହେବ ।

ଜଳ ସମ୍ପଦ

**18.** ଜୁନ୍ 2002 ମସିହା ସୁଦ୍ଧା 25 ଲକ୍ଷ 31 ହଜାର 1 ଶହ ହେକ୍ଟର ଜମି ପାଇଁ ଜଳସେଚନର ସୁବିଧା ସୃଷ୍ଟି କରାଯାଇଛି । ଜୁନ୍ 2003 ମସିହା ସୁଦ୍ଧା ଅଧିକା 43040 ହେକ୍ଟର ଚାଷ ଜମିକୁ ଜଳସେଚନ ସୁବିଧା ଦେବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି । ଜୁଲାଇ 2003 ମସିହାରୁ ଆରମ୍ଭ ହେଉଥିବା 2003–04 ସେଚ ବର୍ଷରେ ଅତିରିକ୍ତ 36.761 ହଜାର ଜମିପାଇଁ ସେଚ ସାମର୍ଥ୍ୟ ସୃଷ୍ଟି କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି । 2003–04 ଆର୍ଥିକ ବର୍ଷରେ ଜଳସେଚନ ପାଇଁ ସମୁଦାୟ 548.31 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଅଛି, ଯାହାକି ସମୁଦାୟ ବ୍ୟୟ ବରାଦର 17.5 ପ୍ରତିଶତ ଅଟେ । ସେଥି ମଧ୍ୟରୁ ବୃହତ ଓ ମଧ୍ୟମ ଜଳସେଚନ ପାଇଁ 427.74 କୋଟି ଟଙ୍କା, କ୍ଷୁଦ୍ର ଜଳସେଚନ (ପ୍ରବାହ) 93.89 କୋଟି ଟଙ୍କା, କ୍ଷୁଦ୍ର ଜଳସେଚନ

(ଉ୦।) 16.78 କୋଟି ଟଙ୍କା ବନ୍ୟାନିୟନ୍ତ୍ରଣ ଓ ଜଳ ନିଷ୍କାସନ 4 କୋଟି ଟଙ୍କା, ଭୂତଳ ଜଳସମ୍ପଦ ଓ ଅନାନ୍ୟ କାର୍ଯ୍ୟକ୍ରମ ପାଇଁ 5.90 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

19. କେନ୍ଦ୍ର ସରକାରଙ୍କ ଆର୍ଥିକ ସହାୟତାରେ ତ୍ୱରିତ ଜଳସେଚନ ସୁବିଧା (ଏ.ଆଇ.ବି.ପି.) କାର୍ଯ୍ୟକ୍ରମ ପାଇଁ 215.00 କୋଟି ଟଙ୍କାର ବ୍ୟବସ୍ଥା ରଖାଯାଇଛି । ଏଥିମଧ୍ୟରୁ 175 କୋଟି ଟଙ୍କା ବୃହତ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ପାଇଁ ଏବଂ 40 କୋଟି ଟଙ୍କା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପାଇଁ ଉଦ୍ଦିଷ୍ଟ ଅଟେ । ବୃହତ ଓ ମଧ୍ୟମ ଜଳସେଚନ ପାଇଁ ଆସନ୍ତା ବର୍ଷ ବ୍ୟୟ ବରାଦ କରାଯାଇଥିବା 175 କୋଟି ଟଙ୍କା ମଧ୍ୟରୁ କେ.ବି.କେ. ଜିଲ୍ଲା ଗୁଡିକରେ ଦୀର୍ଘମିଆଦି କାର୍ଯ୍ୟକ୍ରମ ପାଇଁ 100 କୋଟି ଟଙ୍କା ଅଛି । ତ୍ୱରିତ ଜଳସେଚନ ସୁବିଧା କାର୍ଯ୍ୟକ୍ରମ ପାଇଁ କ୍ଷୁଦ୍ର ଜଳସେଚନରେ ରଖାଯାଇଥିବା 40 କୋଟି ଟଙ୍କା କେ.ବି.କେ. ଜିଲ୍ଲା ଗୁଡିକରେ କାର୍ଯ୍ୟକାରୀ ହେଉଥିବା ଦୀର୍ଘମିଆଦି କାର୍ଯ୍ୟକ୍ରମ ଜରିଆରେ ଚାଲୁରହିଥିବା ଜଳସେଚନ କାର୍ଯ୍ୟକ୍ରମ ଓ ନୂତନ ଜଳସେଚନ ପ୍ରକଳ୍ପ ପାଇଁ ବିନିଯୋଗ କରାଯିବ ।

20. ମୁଁ ଅପାର ଆନନ୍ଦର ସହ ଘୋଷଣା କରୁଛି ଯେ ଆମ ସରକାରଙ୍କ ଦ୍ୱାରା ମୋ ସ୍ୱର୍ଗତ ପିତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ରାଜ୍ୟର କୃଷିଜୀବିଙ୍କ ମଙ୍ଗଳ ପାଇଁ ପ୍ରବର୍ତ୍ତିତ ହୋଇଥିବା ବିଜୁ କୃଷକ ଯୋଜନା ସାରା ରାଜ୍ୟରେ ଲୋକପ୍ରିୟ ହୋଇପାରିଛି । ଆଦିବାସୀ ଅଞ୍ଚଳ ଓ କେ.ବି.କେ.ଜିଲ୍ଲାର କୃଷକ ମାନେ ଏହି ଯୋଜନା ଖର୍ଚ୍ଚର 10 ପ୍ରତିଶତ ଅଂଶ ଦେବାବେଳେ ଅନ୍ୟ ଅଞ୍ଚଳର ଲୋକମାନେ 20 ପ୍ରତିଶତ ଖର୍ଚ୍ଚ ବହନ କରିବେ । ଏହି ଅଂଶଦାନ, ଟଙ୍କା, ଜମି ବା ଶ୍ରମଦାନ ଜରିଆରେ କରାଯିବ । ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲାପରେ ପାଣି ପଞ୍ଚାୟତକୁ ହସ୍ତାନ୍ତର କରାଯିବ । ବିଜୁ କୃଷକ ଯୋଜନା ପାଇଁ 2003–04 ବଜେଟରେ 30 କୋଟି ଟଙ୍କା ଯୋଗାଇ ଦିଆଯାଇଛି । ଏହି 30 କୋଟି ଟଙ୍କା ମଧ୍ୟରେ କେ.ବି.କେ ଜିଲ୍ଲାପାଇଁ ଉଦ୍ଦିଷ୍ଟ ଅତିରିକ୍ତ କେନ୍ଦ୍ରୀୟ ସହାୟତାରୁ 20 କୋଟି ଟଙ୍କା ଅନ୍ତର୍ଭୁକ୍ତ ଏବଂ ଅବଶିଷ୍ଟ 10 କୋଟି ଟଙ୍କା ଜାତୀୟ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କରୁ ଅଣାଯିବ । ଏହି ଗୃହର ମାନ୍ୟବର ସଦସ୍ୟ ମାନଙ୍କୁ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସରକାରଙ୍କ ସହିତ ସହଯୋଗ କରିବାପାଇଁ ନିବେଦନ କରୁଛି ଯାହାକି ଦିନେ ଏହି ଯୋଜନାରେ ଅଂଶ ଗ୍ରହଣ କରୁଥିବା ସବୁ ଚାଷୀଙ୍କ ପ୍ରଭୂତ ଉନ୍ନତି ସାଧନ କରିବ ।

21. ଜଳ ପରିଚାଳନାରେ କୃଷକମାନଙ୍କ ସହଯୋଗକୁ ଆଗେଇନେବା ଉଦ୍ଦେଶ୍ୟରେ ସାରା ରାଜ୍ୟରେ 5757 ପାଣି ପଞ୍ଚାୟତ ଗଠିତ ହୋଇଅଛି । ଏପର୍ଯ୍ୟନ୍ତ 2847 ପାଣି ପଞ୍ଚାୟତ ଜଳ ସେଚନ ବ୍ୟବସ୍ଥାର ପରିଚାଳନା ଓ ରକ୍ଷଣାବେକ୍ଷଣା ଭାର ହାତକୁ ନେଲେଣି । ଏଥିରେ ଭାଗନେଉଥିବା କୃଷକମାନେ ଏହାର ଶାଖା କେନାଲ ଏବଂ କ୍ଷେତ୍ରୀୟ ପ୍ରଣାଳୀ ରେ ଛୋଟିଆ କାମ ପାଇଁ ଏଣିକି ସରକାରଙ୍କ ଉପରେ ନିର୍ଭର କରିବେନାହିଁ ବରଂ ରାଜ୍ୟର ଉନ୍ନତି ପ୍ରକ୍ରିୟାରେ ଭାଗ

ନେଉଥିବା ପାଇଁ ଗର୍ବ ଅନୁଭବ କରିବେ । ଏହାଦ୍ୱାରା ଓଡିଶାର କୃଷକମାନଙ୍କର ସ୍ୱାଭିମାନର ପୁନରୁଦ୍ଧାର ହୋଇପାରିଛି; ଯାହାକି ବିଜୁ ବାବୁଙ୍କର ପ୍ରିୟ ସ୍ୱପ୍ନ ଥିଲା ।

22. ଜଳସେଚନ କ୍ଷେତ୍ରରେ ପୋଷଣୀୟ ଉନ୍ନତି (Sustainable development) ପାଇଁ ରକ୍ଷଣାବେକ୍ଷଣ ଖର୍ଚ୍ଚର ସମ୍ପୂର୍ଣ୍ଣ ଭରଣା ଦିଗରେ ସରକାର ଅଗ୍ରସର ହେଉଛନ୍ତି ଫଳରେ ଏହି କ୍ଷେତ୍ର ଅସହାୟ ନିର୍ଭରଶୀଳତାଠାରୁ ସ୍ୱାବଲମ୍ବନ ଏବଂ ନୈରାଶ୍ୟଠାରୁ ଆତ୍ମବିଶ୍ୱାସ ଆଡକୁ ଅଗ୍ରସର ହେବ ।

ଜଙ୍ଗଲ

23. ଜଙ୍ଗଲ ବିଭାଗ ସଦାସର୍ବଦା ରାଜ୍ୟ ଅର୍ଥନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି । ଗ୍ରାମାଞ୍ଚଳର ହରିଜନ ଓ ଆଦିବାସୀ ଜନସାଧାରଣ ବହୁ ପରିମାଣରେ ଜଙ୍ଗଲ ଉପରେ ନିର୍ଭର କରିଥାନ୍ତି । ଜଙ୍ଗଲ ସୁରକ୍ଷା, ବୃଦ୍ଧି ତଥା ପରିଚାଳନା ପାଇଁ ସ୍ଥାନୀୟ ଗ୍ରାମ୍ୟ ସଂପ୍ରଦାୟର ଯୋଗଦାନ ରାଜ୍ୟ ଜଙ୍ଗଲ ଉନ୍ନତିର ମୁଖ୍ୟ ଲକ୍ଷ୍ୟ ଅଟେ । ସ୍ଥାନୀୟ ଗରିବଲୋକ ଜଙ୍ଗଲଜାତ ଦ୍ରବ୍ୟ ଏବଂ ଜଙ୍ଗଲ ସମ୍ପର୍କୀୟ ବିଭିନ୍ନ କାର୍ଯ୍ୟକ୍ରମ ଯଥା କେନ୍ଦୁପତ୍ର ସଂଗ୍ରହ, ବିଶ୍ୱବ୍ୟାଙ୍କ ଯୋଜନା, ଖାଦ୍ୟ ପାଇଁ କାମ ଯୋଜନା ଇତ୍ୟାଦିରୁ ପ୍ରଭୂତ ଫାଇଦା ଉଠାଇଥାଆନ୍ତି ।

24. ଯୁଗ୍ମ ଜଙ୍ଗଲ ପରିଚାଳନାରେ ସ୍ଥାନୀୟ ଲୋକମାନଙ୍କୁ ନେଇ ବନ ସୁରକ୍ଷା ଓ ପରିଚାଳନା ପାଇଁ ବନ ସୁରକ୍ଷା ସମିତି ଗଠନ ଉପରେ ପ୍ରାଧାନ୍ୟ ଦିଆଯାଉଛି । 2002 ମସିହା ସେପ୍ଟେମ୍ବର ମାସ ଶେଷ ସୁଦ୍ଧା 6806 ବନସୁରକ୍ଷା ସମିତି ଗଠିତ ହୋଇଅଛି ଏବଂ ଏହି ବନସୁରକ୍ଷା ସମିତି ଅଧୀନରେ 654000 ହେକ୍ଟର ଜଙ୍ଗଲ ଅଛି ।

25. 2003–04 ମସିହାରେ ଦୁଇଟି ମୁଖ୍ୟ ବହିଃଅନୁଦାନ ପ୍ରକଳ୍ପ ହାତକୁ ନେବା ପାଇଁ ପ୍ରସ୍ତାବ ଅଛି । ଗୋଟିଏ ହେଉଛି ଆନ୍ତର୍ଜାତିକ ସହଯୋଗ ପାଇଁ ଜାପାନ ବ୍ୟାଙ୍କ (Japan Bank for International Co-operation) ସହାୟତାରେ ଓଡିଶା ରାଜ୍ୟ ବନୀକରଣ ଉନ୍ନୟନ ଯୋଜନା । ଅନ୍ୟଟି ହେଉଛି ସିଡା ସହାୟତାରେ ପତିତ ଜଙ୍ଗଲର ବିକାଶ ଯୋଜନା । 2003–04 ବଜେଟରେ ଓଡିଶା ଜଙ୍ଗଲ କ୍ଷେତ୍ର ବିକାଶ ଓ ପତିତ ଜଙ୍ଗଲ ବିକାଶଯୋଜନା ପାଇଁ ଯଥାକ୍ରମେ 71.72 ଲକ୍ଷ ଏବଂ 2.63 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

ଗ୍ରାମ୍ୟ ଉନ୍ନୟନ

26. ଓଡିଶା ଏକ ଗ୍ରାମ ବହୁଳ ରାଜ୍ୟ । ଆମ ସରକାରର ଅଗ୍ରାଧିକାର ହେଉଛି ଗ୍ରାମ୍ୟ ଭିତ୍ତି ଭୂମିର ଉନ୍ନୟନ । ଏହା ପ୍ରିୟ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ ଗଠିତ କେନ୍ଦ୍ର ସରକାରଙ୍କ ଉଚ୍ଚ ଅଗ୍ରାଧିକାର ସହ ଏବଂ ମୋ ସ୍ୱର୍ଗତଃ ପିତା ବିଜୁ ପଟ୍ଟନାୟକଙ୍କ ରାଜନୈତିକ ଚିନ୍ତାଧାରା ସହ ଖାପ ଖାଉଛି ଯିଏ 1990 ମସିହାରେ ପୁର୍ନବାର ମୁଖ୍ୟମନ୍ତ୍ରୀ ହୋଇ ଆସିବା ପରେ ଗ୍ରାମ୍ୟ ଇଞ୍ଜିନିୟରିଂ ସଂସ୍ଥାକୁ ପୁନର୍ଜୀବିତ କରି ଗ୍ରାମ୍ୟ ଉନ୍ନୟନ ବିଭାଗକୁ

ପୁନଃନିର୍ମାଣ କରିଥିଲେ । ଗ୍ରାମକୁ ସଂଯୋଗ ରାସ୍ତା ନିର୍ମାଣ, ଗ୍ରାମ୍ୟ ଜଳଯୋଗାଣ ଓ ଗ୍ରାମ୍ୟ ପରିମଳ ଉପରେ ଆମ ସରକାର ସର୍ବାଧିକ ଗୁରତ୍ୱ ଦେଇଅଛନ୍ତି ।

27. ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପାଣ୍ଠି ଅଧୀନରେ 2003–04 ବଜେଟରେ ଗ୍ରାମ୍ୟ ରାସ୍ତା ଓ ପୋଲ ନିର୍ମାଣ ପାଇଁ 81 କୋଟି 85 ଲକ୍ଷ ଟଙ୍କା ରଖାଯାଇଛି । ପ୍ରକଳ୍ପ ପ୍ରବରଣ କମିଟି ଦ୍ୱାରା ଚୟନ ହୋଇଥିବା ଏବଂ ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପାଣ୍ଠିରେ ଅନ୍ତର୍ଭୁକ୍ତ ହୋଇଥିବା ସମସ୍ତ 135 ପ୍ରକଳ୍ପ ପାଇଁ ଅର୍ଥ ଯୋଗାଇ ଦେବାକୁ 2003–04 ବଜେଟରେ ବ୍ୟବସ୍ଥା ହୋଇଛି । ଆରମ୍ଭ ହୋଇ ନ ଥିବା ଅନ୍ୟ 40 ପ୍ରକଳ୍ପ ପାଇଁ ବଜେଟରେ ଅର୍ଥ ବ୍ୟବସ୍ଥା ହୋଇଛି । 2003–04 ମସିହାରେ କେ.ବି.କେ. ଜିଲ୍ଲାରେ ରାସ୍ତା ଓ ପୋଲ ନିର୍ମାଣ ପାଇଁ 20 କୋଟି 50 ଲକ୍ଷ ଟଙ୍କାର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ।

28. ଗ୍ରାମାଞ୍ଚଳରେ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେଇ ଲୋକମାନଙ୍କର ଜୀବନମାନରେ ଉନ୍ନତି ଆଣିବା ଏକ ମୁଖ୍ୟ ସମସ୍ୟା ଅଟେ, କାରଣ ପିଇବା ପାଣି ଅଭାବରୁ ଓ ଦୂଷିତ ଜଳପାନ କରିବା ଦ୍ୱାରା ଗ୍ରାମାଞ୍ଚଳରେ ବିଭିନ୍ନ ରୋଗ ସୃଷ୍ଟି ହୁଏ । 2002–03 ମସିହାରେ ଏ.ଆର.ଡବ୍ଲୁ.ଏସ୍.ପି., ପ୍ରଧାନମନ୍ତ୍ରୀ ଗ୍ରାମୋଦୟ ଯୋଜନା ଓ କେ.ବି.କେ କାର୍ଯ୍ୟକ୍ରମ ଅଧୀନରେ 10088 ନଳକୂପ, 247 ସ୍ୱଚ୍ଛକର ଗଭୀର କୂପ ବସାଯାଇଛି ଓ 31.3.2003 ସୁଦ୍ଧା 97ଗୋଟି ନୂଆ ଜଳଯୋଗାଣ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି । 2003–04 ମସିହାରେ 13636 ନଳକୂପ ବସାଇବାର ଲକ୍ଷ୍ୟ ରଖାଯାଇଛି । ସମ୍ପୂର୍ଣ୍ଣ ଲକ୍ଷ୍ୟର ଶତକଡା 60 ପ୍ରତିଶତ ମଧ୍ୟରୁ ଅର୍ଥାତ୍ 8180 ଇଉନିଟ୍ ରୁ ଅଧିକ 2003–04 ଆର୍ଥିକ ବର୍ଷର ମାର୍ଚ୍ଚ ମାସଠାରୁ ଜୁନ୍ ମାସ ଭିତରେ ମରୁଡି ଦୂର କରିବା ପାଇଁ ସମ୍ପୂର୍ଣ୍ଣ ହେବାର ପ୍ରସ୍ତାବ ଅଛି । ଏଥିପାଇଁ ବଜେଟରେ 66.80 କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଛି । ତନମଧ୍ୟରୁ, 20 କୋଟି ଟଙ୍କା କେ.ବି.କେ. ଜିଲ୍ଲା ପାଇଁ ଉଦ୍ଦିଷ୍ଟ ଅଟେ ।

29. ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାର ପ୍ରଥମ ଦୁଇ ଦଫାରେ ତା.10.2.2003ରିଖ ସୁଦ୍ଧା 729.63 ପରିବ୍ୟାପ୍ତ 342 ଗୋଟି ରାସ୍ତା ନିର୍ମାଣ କରାଯାଇଛି ।

ପଞ୍ଚାୟତିରାଜ ଅନୁଷ୍ଠାନ

30. ଏକାଦଶ ଅର୍ଥ କମିଶନଙ୍କ ସୁପାରିଶ କ୍ରମେ ମିଳିଥିବା ଅର୍ଥରୁ ପଞ୍ଚାୟତିରାଜ ଅନୁଷ୍ଠାନର ଯୋଜନା ବାବଦ ଖର୍ଚ୍ଚ ପାଇଁ ଅଟକଳ କରାଯାଇଥିବା 202.07 କୋଟି ଟଙ୍କାରୁ 69.12 କୋଟି ଟଙ୍କା ଗ୍ରାମ୍ୟ ନାଗରୀକ ସେବା ଉନ୍ନତି ଯଥା : ସାଧାରଣ ସମ୍ପତ୍ତି ପରିଚାଳନା, ପରିମଳ, ଓ ରାସ୍ତା ଆଲୋକ ପାଇଁ ଖର୍ଚ୍ଚ କରାଯିବ । ରାଜ୍ୟ ସରକାରଙ୍କ ଅଂଶ ବାବଦରେ ଇନ୍ଦିରା ଆବାସ ଯୋଜନା ଏସ୍.ଜି.ଏସ୍.ୱାଇ., ଏସ୍.ଜି.ଆର୍.ୱାଇ. ଇତ୍ୟାଦି ପାଇଁ 90 କୋଟି ଟଙ୍କାର ବ୍ୟବସ୍ଥା ବଜେଟ୍‌ରେ କରାଯାଇଛି ଏବଂ କେ.ବି.କେ. ଜିଲ୍ଲାରେ ପାରମ୍ପାରିକ ଜଳ ସଂସ୍ଥାର ଉନ୍ନତି କରଣ ପାଇଁ 7.50 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ସଂଶୋଧିତ ଦିର୍ଘମିଆଦି କ୍ରିୟାଭିମୁଖୀ ଯୋଜନା

ଅନ୍ତର୍ଗତ କେନ୍ଦ୍ରୀୟ ସହାୟତାରୁ କେ.ବି.କେ. ଜିଲ୍ଲାରେ ପଞ୍ଚାୟତି ରାସ୍ତାର ଉନ୍ନତି କରଣ ପାଇଁ 7.50 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

ମତ୍ସ୍ୟ ଓ ପଶୁ ସମ୍ପଦ

31. ମତ୍ସ୍ୟ ଓ ପଶୁପାଳନ କ୍ଷେତ୍ରରେ ବ୍ୟୟବରାଦ କରାଯାଇଥିବା ମୋଟ 8.31 କୋଟି ଟଙ୍କାରୁ ମଧୁର ଜଳ ବିକାଶ, କେ.ବି.କେ. ଜିଲ୍ଲାରେ କୁକୁଡା ପାଳନ ଓ ଗୋ ମହିଷାଦି ଗୃହ ପାଳିତ ପଶୁ ସମ୍ପଦର ଭିତ୍ତିଭୂମି ଉନ୍ନୟନ ପାଇଁ ଯାଥାକ୍ରମେ 2.50 କୋଟି ଟଙ୍କା, 3 କୋଟି ଟଙ୍କା ଓ 50 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି ।

ସ୍ୱାସ୍ଥ୍ୟ

32. ସର୍ବଭାରତୀୟ ସ୍ତରରେ ଶିଶୁ ମୃତ୍ୟୁ ହାର ପ୍ରତି 1000 ଜନ୍ମିତ ଶିଶୁରେ 70 ଥିବା ବେଳେ ଓଡିଶାରେ ଏହି ହାର 97 ଅଟେ । ଏହା ଆମ ରାଜ୍ୟ ପାଇଁ ଏକ ଉଦ୍‌ବେଗର କାରଣ ଅଟେ । ଏହି ସମସ୍ୟାକୁ ପ୍ରତିହତ କରିବାକୁ ପଡିବ । ଏହାକୁ ଆଖିରେ ରଖି 'ଶିଶୁ ମୃତ୍ୟୁ ହାର ହ୍ରାସ ମିଶନ' ଅଗଷ୍ଟ 2001 ମସିହାରୁ ରାଜ୍ୟରେ କାର୍ଯ୍ୟକାରୀ ହେଉଅଛି । ଏହି ଅନୁସାରେ 2005 ମସିହା ସୁଦ୍ଧା ଶିଶୁ ମୃତ୍ୟୁହାର ପ୍ରତି 1000ରେ 60 କୁ କମାଇ ଦେବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି । ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ନିରାପଦରେ ସନ୍ତାନ ପ୍ରସବକୁ ଉତ୍ସାହିତ କରିବା ହେଉଛି ଶିଶୁ ମୃତ୍ୟୁ ହାର କମାଇବାର କୌଶଳ (strategies) ମଧ୍ୟରୁ ଏକତମ ଅଟେ । ସୁତରାଂ ପ୍ରତ୍ୟେକ ଅତିରିକ୍ତ ସେବିକା ଓ ଧାଇ କେନ୍ଦ୍ରରେ ପର୍ଯ୍ୟାୟ କ୍ରମେ ଏକ ନିରାପଦ ପ୍ରସବ ଗୃହ ପର୍ଯ୍ୟାୟକ୍ରମେ ଯୋଗାଇ ଦେବାପାଇଁ ଆମେ ନିଷ୍ପତ୍ତି ନେଇଛୁ । ସଂଶୋଧିତ ଦିର୍ଘମିଆଦି କ୍ରିୟାଭିମୁଖୀ ଯୋଜନାରୁ 3 କୋଟି ଟଙ୍କା କେ.ବି.କେ. ଜିଲ୍ଲାରେ ନିରାପଦ ପ୍ରସବ ଗୃହ ନିର୍ମାଣ ପାଇଁ ପ୍ରଥମେ ଯୋଗାଇ ଦିଆଯାଇଛି । ଅନ୍ୟ ଜିଲ୍ଲାରେ ଶିଶୁ ମୃତ୍ୟୁହାର ଅଧିକ ଥିବାରୁ କାମ ପାଇଁ ଖାଦ୍ୟ ଯୋଜନାରୁ ଶସ୍ୟ ବିନିଯୋଗ କରିବା ପାଇଁ ପ୍ରସ୍ତାବ ଅଛି ।

ଓଡିଶାର ସ୍ୱାସ୍ଥ୍ୟ ଉନ୍ନୟନ ପ୍ରକଳ୍ପ ପାଇଁ 2003–04 ବଜେଟ୍‌ରେ 100 କୋଟି ଓ 55 ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଅଛି । ଏତଦ୍ ବ୍ୟତୀତ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉନ୍ନତିକରଣ (upgradation) ସକାଶେ ଏକ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ପ୍ରାଥମିକ ଶିକ୍ଷା

33. ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବା ଉଦ୍ଦେଶ୍ୟ ନେଇ ରାଜ୍ୟ ସରକାର 1996–97 ବର୍ଷଠାରୁ ଜିଲ୍ଲା ପ୍ରାଥମିକ ଶିକ୍ଷା ପ୍ରକଳ୍ପ ଆରମ୍ଭ କରିଛନ୍ତି । ପ୍ରଥମତଃ ଏହି ଶିକ୍ଷା ପ୍ରକଳ୍ପ ରାଜ୍ୟର 8 ଗୋଟି ଜିଲ୍ଲାରେ ବିଶ୍ୱବ୍ୟାଙ୍କଙ୍କ ଆର୍ଥିକ ସହାୟତାରେ କାର୍ଯ୍ୟକାରୀ ହେଉଥିବା ବେଳେ ବର୍ତ୍ତମାନ ଏହା ଆଉ 8 ଗୋଟି ଜିଲ୍ଲାକୁ ସଂପ୍ରସାରିତ ହୋଇଅଛି । ଉଭୟ ଆନ୍ତର୍ଜାତୀୟ ବିକାଶ ବିଭାଗ ଓ ବିଶ୍ୱ ବ୍ୟାଙ୍କର ମିଳିତ ସହଯୋଗରେ ରାଜ୍ୟ ସରକାର ପ୍ରାଥମିକ ଶିକ୍ଷାର ଉନ୍ନତିକରଣ ନିମନ୍ତେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ଡି.ପି.ଇ.ପିର ରୂପାୟନ ପାଇଁ 2003–04 ଆର୍ଥିକ ବର୍ଷରେ 14 କୋଟି 85 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଅଛି ।

34. 2000–2001 ଆର୍ଥିକ ବର୍ଷଠାରୁ ଭାରତ ସରକାର ସାରା ଦେଶରେ ସର୍ବ ଶିକ୍ଷା ଅଭିଯାନ ନାମକ ଏକ ନୂତନ ଶିକ୍ଷା ପ୍ରକଳ୍ପ କାର୍ଯ୍ୟକାରୀ ହେଉଅଛି । ଆମ ରାଜ୍ୟରେ ଏହି ପ୍ରକଳ୍ପଟି ଉଭୟ 16 ଗୋଟି ପ୍ରାଥମିକ ଶିକ୍ଷା ପ୍ରକଳ୍ପ ଜିଲ୍ଲା ଓ 14 ଗୋଟି ଅଣ ପ୍ରାଥମିକ ଶିକ୍ଷା ପ୍ରକଳ୍ପ ଜିଲ୍ଲାରେ କାର୍ଯ୍ୟକାରୀ ହେଉଅଛି । 2002–2003 ଆର୍ଥିକ ବର୍ଷରେ ସର୍ବ ଶିକ୍ଷା ଅଭିଯାନର ସଫଳ ରୂପାୟନ ନିମନ୍ତେ କେନ୍ଦ୍ର ସରକାର ତାଙ୍କର ଅଂଶଧନ ବାବଦକୁ 31 କୋଟି 76 ଲକ୍ଷ ଟଙ୍କା ଦେଇଥିବା ସ୍ଥଳେ ରାଜ୍ୟ ସରକାର 5 କୋଟି 24 ଲକ୍ଷ ଟଙ୍କା ରାଜ୍ୟ ଅଂଶ ବାବଦରେ ବ୍ୟୟ କରିଛନ୍ତି । ଚଳିତ ଆର୍ଥିକ ବର୍ଷରେ ସର୍ବଶିକ୍ଷା ଅଭିଯାନ ନିମନ୍ତେ ରାଜ୍ୟ ଯୋଜନାରେ 23 କୋଟି ଟଙ୍କାର ବ୍ୟୟ ବରାଦ ହୋଇଅଛି ।

35. ସାର୍ବଜନୀନ ଶିକ୍ଷା ଲକ୍ଷ୍ୟ ହାସଲ ନିମନ୍ତେ କେନ୍ଦ୍ର ସରକାରଙ୍କ ସାହାଯ୍ୟରେ ପରିଚାଳିତ କଳାପଟା ଅଭିଯାନ ଯୋଜନାରେ 2001–02 ଆର୍ଥିକ ବର୍ଷରେ 7827 ପାରା ଶିକ୍ଷକ ନିଯୁକ୍ତି ପାଇଥିଲେ । ଦଶମ ପଞ୍ଚ ବାର୍ଷିକ ଯୋଜନା (2002–03) ପ୍ରାରମ୍ଭରୁ କେନ୍ଦ୍ର ସରକାର ଏହି ପାରା ଶିକ୍ଷକ ମାନଙ୍କ ପାଇଁ ଅନୁଦାନ ଦେବା ବନ୍ଦ କରିଦେବାରୁ ରାଜ୍ୟ ସରକାର ଏହି ଶିକ୍ଷକ ମାନଙ୍କୁ ଥଇଥାନ କରିବା ନିମନ୍ତେ 2002–03 ଆର୍ଥିକ ବର୍ଷରେ ରାଜ୍ୟ ଯୋଜନାରେ 14.09 କୋଟି ଟଙ୍କାର ବ୍ୟୟ ମଂଜୁର କରିଛନ୍ତି ଏବଂ 2003–04 ଆର୍ଥିକ ବର୍ଷରେ ମଧ୍ୟ 18 କୋଟି 8 ଲକ୍ଷ ଟଙ୍କାର ବ୍ୟୟ ବରାଦ କରିଛନ୍ତି । ମୁଁ ଆନନ୍ଦର ସହିତ ଏହା ଘୋଷଣା କରୁଅଛି ଯେ 9600 ପାରା ଶିକ୍ଷକ ବା ସ୍ୱେଚ୍ଛାସେବୀ ଶିକ୍ଷକ ମାସକୁ 1500 ଟଙ୍କା ପାରିତୋଷିକରେ ନିଯୁକ୍ତି ଦେବା ପାଇଁ ପଦକ୍ଷେପ ନିଆଯାଇଅଛି । ଏଥି ପାଇଁ ଆସନ୍ତା ବର୍ଷ ବଜେଟରେ 20 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଅଛି । ଏହା ଦ୍ୱାରା ପ୍ରାଥମିକ ବିଦ୍ୟାଳୟ ଗୁଡିକରେ ଉପଯୁକ୍ତ ସଂଖ୍ୟକ ଶିକ୍ଷକ ନଥିବା ଜନିତ ସମସ୍ୟା ଦୂରୀଭୂତ ହେବ ।

36. ମାନ୍ୟବର ସଭ୍ୟମାନେ ଜାଣି ଖୁସି ହେବେ ଯେ 325 ନୂତନ ପ୍ରାଥମିକ ବିଦ୍ୟାଳୟ ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏହି ବିଦ୍ୟାଳୟଗୁଡିକ ଯେଉଁ ଗାଁ ବା ବସ୍ତିରେ ବିଦ୍ୟାଳୟ ନାହିଁ ସେହି ଜାଗାଗୁଡିକରେ ଖୋଲାଯିବ । ଏଥି ପାଇଁ 2002–03 ମସିହାରେ 2 କୋଟି ଟଙ୍କାର ଅର୍ଥ ବରାଦ ହୋଇଛି । ପୁନଶ୍ଚ ଆସନ୍ତା ବର୍ଷରେ ନୂତନ ପ୍ରାଥମିକ ବିଦ୍ୟାଳୟ ଖୋଲିବା ପାଇଁ 1 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଅଛି ।

37. ପ୍ରାଥମିକ ବିଦ୍ୟାଳୟ ଓ ଗଣଶିକ୍ଷା ପାଇଁ ରାଜ୍ୟ ଯୋଜନାରେ ମୋଟ 133.97 କୋଟ ଟଙ୍କାର ବ୍ୟୟ ବରାଦ ଆସନ୍ତା ବର୍ଷ ପାଇଁ ରଖାଯାଇଛି ।

Compu-
terisition
of Regi-
stration

38. ମାନ୍ୟବର ସଭ୍ୟମାନେ ଜାଣି ଖୁସି ହେବେ ଯେ ଜମିଜମା ରେକର୍ଡ ଓ ରେଜିଷ୍ଟ୍ରେସନ୍ ସଂପୂର୍ଣ୍ଣ ଭାବେ କମ୍ପ୍ୟୁଟରୀକରଣ କରାଯିବା ପାଇଁ ରାଜ୍ୟ ସରକାର ସ୍ଥିର କରିଛନ୍ତି । 171 ତହସିଲ ମଧ୍ୟରୁ 160 ଟି ତହସିଲରେ କମ୍ପ୍ୟୁଟରୀକରଣ କାର୍ଯ୍ୟ ନିଆଯାଇଛି ଏବଂ 131 ଟି ତହସିଲରେ ଏହି କାର୍ଯ୍ୟ ସଂପୂର୍ଣ୍ଣ ହେଲାଣି ଓ ଅବଶିଷ୍ଟ ତହସିଲରେ ଏହି କାର୍ଯ୍ୟ ଚାଲୁରହିଛି । ଆସନ୍ତା ଆର୍ଥିକ ବର୍ଷରେ ରେଜିଷ୍ଟ୍ରେସନ୍ କମ୍ପ୍ୟୁଟରୀକରଣ ପାଇଁ ସ୍ୱତନ୍ତ୍ର ଭାବେ ଏକ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

Infra-structure

39. ରାଜସ୍ୱ ପ୍ରଶାସନ ପାଇଁ ଭିତ୍ତିଭୂମି ଉନ୍ନତିକରଣ ନିହାତି ଆବଶ୍ୟକ ଅଟେ । ଏଥି ନିମିତ୍ତ ନୂଆ ଜିଲ୍ଲାଗୁଡ଼ିକରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସହ ଅନ୍ୟାନ୍ୟ ରାଜସ୍ୱ ବିଭାଗ ଅଧିନସ୍ଥ କାର୍ଯ୍ୟାଳୟ ନିର୍ମାଣ ପାଇଁ 4 କୋଟି ଟଙ୍କାର ସ୍ୱତନ୍ତ୍ର ଭାବେ ବ୍ୟୟ ବରାଦ କରାଯାଇଛି ।

ଜୈବିକ ପ୍ରଯୁକ୍ତି ବିଦ୍ୟା

40. ଜୈବିକ ପ୍ରଯୁକ୍ତି ଗବେଷଣା ଏବଂ ପ୍ରୟୋଗ, ଜୈବିକ ପ୍ରଯୁକ୍ତି ଶିଳ୍ପର ବିକାଶ, ଜୈବିକ ପ୍ରଯୁକ୍ତି ପାର୍କ ସ୍ଥାପନ, ଜୈବିକ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ମାନବ ସମ୍ବଳର ବିକାଶ ଏବଂ ଏ କ୍ଷେତ୍ରରେ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ଉଦ୍ଦେଶ୍ୟରେ ଏକ ରାଜ୍ୟ ଜୈବିକ ପ୍ରଯୁକ୍ତି ପରିଷଦ ଗଠନ କରାଯାଇଛି । ଏକ୍ଷେତ୍ରରେ ସମସ୍ତ ଉଦ୍ୟମକୁ ଉତ୍ସାହିତ କରିବା ପାଇଁ ଏବଂ ଜୈବିକ ପ୍ରଯୁକ୍ତି ରେ ପୁଞ୍ଜି ବିନିଯୋଗକାରୀ ଓ ଉନ୍ନତିକାରୀମାନଙ୍କର ଏକ ବୈଠକ ଆୟୋଜନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି ।

41. ଆଗାମୀ ବର୍ଷ ପାଇଁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବାବଦରେ ରାଜ୍ୟ ଯୋଜନାରେ ବ୍ୟୟ ବରାଦ କରାଯାଇଥିବା 113 ଲକ୍ଷ ଟଙ୍କା ମଧ୍ୟରୁ 12 ଲକ୍ଷ ଟଙ୍କା ସ୍ୱତନ୍ତ୍ର ଭାବରେ ଜୈବିକ ପ୍ରଯୁକ୍ତି ବିଦ୍ୟାର ଉନ୍ନତି ପାଇଁ ବ୍ୟବସ୍ଥା କରାଯାଇଅଛି । ଏହା ବିଜୁ ବାବୁଙ୍କ ପ୍ରତି ଯଥାଯୋଗ୍ୟ କୃତାଞ୍ଜଳି ଅଟେ; ଯିଏ କଳିଙ୍ଗ ପୁରସ୍କାର ବିଜେତା  ବିଶ୍ୱବିଖ୍ୟାତ ବିଜ୍ଞାନୀ ଜେ.ବି.ଏସ୍. ହାଲ୍‌ଡେନ୍‌ଙ୍କୁ ଓଡିଶାକୁ ଆମନ୍ତ୍ରଣ କରିଥିଲେ । ସେ ପ୍ରଫେସର ହାଲ୍‌ଡେନ୍‌ଙ୍କୁ, ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ଉଚ୍ଚତର ଗବେଷଣା ପାଇଁ ସଂପୂର୍ଣ୍ଣ ସ୍ୱାଧୀନତା ଦେଇଥିଲେ ।

ଶିଳ୍ପ

42. ନବମ ପଞ୍ଚ ବାର୍ଷିକ ଯୋଜନାର ଅଗ୍ରାଧିକାର କ୍ଷେତ୍ରକୁ ଆଖି ଆଗରେ ରଖି ସ୍ୱତନ୍ତ୍ର ଶିଳ୍ପ ପାର୍କ ଏବଂ ରପ୍ତାନୀ ଅଭିବୃଦ୍ଧି  ପାର୍କ ଭାରତ ସରକାରଙ୍କ ସହାୟତାରେ ରାଜ୍ୟରେ ପ୍ରତିଷ୍ଠା କରାଯାଇଛି । ଏତଦ୍‌ବ୍ୟତୀତ ଅଗ୍ରାଧିକାର ଭିତ୍ତିରେ ଭାରତ ସରକାରଙ୍କ ସହାୟତାରେ 2003–04 ମସିହା ଶେଷ ସୁଦ୍ଧା ବୃହତ ପ୍ରକଳ୍ପ ଯଥା ଡୁବୁରୀ ଠାରେ କଳିଙ୍ଗ ନଗର ଅଭିବୃଦ୍ଧି କେନ୍ଦ୍ର ଏବଂ ରାୟଗଡା ଠାରେ ଶିଳ୍ପ ଭିତ୍ତିଭୂମି ଉନ୍ନୟନ କେନ୍ଦ୍ର ସ୍ଥାପନା ସଂପୂର୍ଣ୍ଣ କରିବା ପାଇଁ ପଦକ୍ଷେପ ମାନ ନିଆଯାଉଛି । ପୁନଶ୍ଚ ପାରାଦୀପ ଏବଂ ଗୋପାଳପୁର ଠାରେ ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ ପ୍ରତିଷ୍ଠା

ପାଇଁ ଭାରତ ସରକାର ନୀତିଗତ ଭାବରେ ଅନୁମୋଦନ ପ୍ରଦାନ କରିଛନ୍ତି ଯାହାକି ବ୍ୟବସାୟିକ କାରବାର ଦୃଷ୍ଟି କୋଣରୁ ସ୍ୱତନ୍ତ୍ର ଭାବରେ ଶୁଳ୍କ ମୁକ୍ତ କ୍ଷେତ୍ର ରୂପେ ପରିଗଣିତ ହେବ ।

ସୂଚନା ଓ ପ୍ରଯୁକ୍ତିବିଦ୍ୟା

43. ସୂଚନା ପ୍ରଯୁକ୍ତିବିଦ୍ୟା ରାଜ୍ୟର ବିକାଶ କାର୍ଯ୍ୟକ୍ରମରେ ଏକ ମୁଖ୍ୟ କ୍ଷେତ୍ର ବୋଲି ବିବେଚନା କରାଯାଉଛି । ରାଜ୍ୟରେ ସୂଚନା ପ୍ରଯୁକ୍ତିବିଦ୍ୟାର ପ୍ରସାରଣ ପାଇଁ ଭାରତ ସରକାରଙ୍କ ଆର୍ଥିକ ସହାୟତାରେ 3 କୋଟି 60 ଲକ୍ଷ ଟଙ୍କା ବ୍ୟୟରେ ଶିଳ୍ପ ଭିତ୍ତିଭୂମି ଓ ଉନ୍ନୟନ ନିଗମ (IDCO ) ଦ୍ୱାରା ନିକଟରେ ଏକ ସୂଚନା ପ୍ରଯୁକ୍ତିବିଦ୍ୟା ପାର୍କ ପ୍ରତିଷ୍ଠା କରାଯାଇଛି । ଏହାର ନାମ ଫରଚ୍ୟୁନ ଟାଓ୍ୱାର (Fortune Tower) ରଖାଯାଇଛି ।

44. ଆମେ ନାଗରିକ ମାନଙ୍କୁ ଉଚ୍ଚମାନର ସେବା ପ୍ରଦାନରେ ଉନ୍ନତି ଆଣିବା ପାଇଁ ଇଗଭର୍ଣ୍ଣାସ ଉପରେ ଗୁରୁତ୍ୱ ଆରୋପ କରୁଛୁ । 15 ଅଗଷ୍ଟ 2002 ମସିହାଠୁ କାର୍ଯ୍ୟକ୍ଷମ ହୋଇଥିବା ଓଡିଶା ସରକାରଙ୍କ ଓ୍ୱେବ୍‌ସାଇଟ୍ ନାଗରିକ ମାନଙ୍କୁ ତଥ୍ୟ ପରିବେଷଣ କ୍ଷେତ୍ରରେ ଏକ ଗୁଣାତ୍ମକ ଅଭିବୃଦ୍ଧି ଘଟାଇଛି । ଟ୍ରେଜେରୀ କାରବାର ଓ ବାଣିଜ୍ୟକର କାର୍ଯ୍ୟାଳୟ କମ୍ପ୍ୟୁଟରୀକରଣ କରାଯିବା । ସମ୍ମନ୍ୱିତ ମଟରଯାନ ଟିକସ ଓ ବାଣିଜ୍ୟକର ତନଖି ଫାଟକ କମ୍ପ୍ୟୁଟରୀକରଣ କରାଯିବ । ଜନ ସାଧାରଣଙ୍କର ଅଭିଯୋଗର ଦରଜ, ଏହାର ଅନୁସନ୍ଧାନ ଏବଂ ଫଇସଲା ଇଲେକ୍ଟ୍ରୋନିକସ୍ ମାଧ୍ୟମରେ ପର୍ଯ୍ୟାଲୋଚିତ ହେବ । ଜାତିସଂଘ ଉନ୍ନୟନ ପାଣ୍ଠି ସହାୟତାରେ ରାଜ୍ୟରେ ନାଗରିକ ସୂଚନା ସହାୟତା ଉନ୍ନତିକରଣ ପ୍ରକଳ୍ପ ଓକାକ୍ ଦ୍ୱାରା କଳାହାଣ୍ଡି ଜିଲ୍ଲାରେ କାର୍ଯ୍ୟକାରୀ ହେଉଛି । ଓଡିଶା ଭାଷାର କମ୍ପ୍ୟୁଟର ମାଧ୍ୟମରେ ବିକାଶ ନିମନ୍ତେ ଭୁବନେଶ୍ୱର ଠାରେ ଏକ କେନ୍ଦ୍ର ସ୍ଥାପନ ଏବଂ ଭାରତର ସଫ୍ଟଓ୍ୱାୟାର ଯାନ୍ତ୍ରୀକ ପାର୍କ ଏବଂ ତଥ୍ୟ ଯୋଗାଯୋଗ ସୁବିଧା କେନ୍ଦ୍ର ରାଉରକେଲା ଠାରେ ସ୍ଥାପିତ ହୋଇଅଛି ।

ପର୍ଯ୍ୟଟନ

45. ପର୍ଯ୍ୟଟନ ଉନ୍ନତିର ଏକ ମୁଖ୍ୟ କେନ୍ଦ୍ର ବୋଲି ଚିହ୍ନଟ କରାଯାଇଛି । 285 ଟି ସ୍ଥାନକୁ ପର୍ଯ୍ୟଟନ ସ୍ଥଳି ହିସାବରେ ମାନ୍ୟତା ଦିଆଯାଇଛି । ଘରୋଇ ଉଦ୍ୟୋଗର ସହଯୋଗ କ୍ରମେ ଯୁଗ୍ମ ଭାବରେ ରାଜ୍ୟ ସରକାର ପର୍ଯ୍ୟଟନ କ୍ଷେତ୍ରର ବିକାଶ ତଥା ଭିତ୍ତିଭୂମି ଉନ୍ନୟନ ପାଇଁ ପଦକ୍ଷେପ ନେଉଛନ୍ତି । ଭାରତ ସରକାରଙ୍କର ଜାତୀୟ ପର୍ଯ୍ୟଟନ ନୀତିକୁ ଆଖି ଆଗରେ ରଖି (୧) ଧଉଳି, ରତ୍ନଗିରି–ଲଳିତଗିରି–ଉଦୟଗିରି–ଲାଙ୍ଗୁଡି ଠାରେ ବୌଦ୍ଧ କିର୍ତ୍ତୀରାଜି (୨) ଚିଲିକା ଏବଂ ଭିତରକନିକାର ପରିବେଶ ତଥା ପର୍ଯ୍ୟଟନ (୩) ପୁରୀ, ଗୋପାଳପୁର ଏବଂ ଚାନ୍ଦୀପୁର ଲକ୍ଷ୍ୟସ୍ଥଳ ନିର୍ଣ୍ଣୟ ଆଦି ବିଭିନ୍ନ ପ୍ରକଳ୍ପ ପାଇଁ ଉପଯୁକ୍ତ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବା ପାଇଁ ପଦକ୍ଷେପ ନେଉଛନ୍ତି । ଗ୍ରାମ୍ୟ ପର୍ଯ୍ୟଟନ ଅର୍ନ୍ତଗତ ରଘୁରାଜପୁରର ପଟ୍ଟଚିତ୍ର ଶିଳ୍ପର ଉନ୍ନତି ଉଦ୍ଦେଶ୍ୟରେ ଏକ ପ୍ରକଳ୍ପ ରିପୋର୍ଟ୍ ପ୍ରସ୍ତୁତି ପାଇଁ ପଦକ୍ଷେପ ନିଆଯାଇଛି । ଓଡିଶା ସରକାରଙ୍କ ଅନୁରୋଧ କ୍ରମେ

ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ କୋଣାର୍କ ଚର୍ତୁପାର୍ଶ୍ୱର ଉନ୍ନତି ଏବଂ ଜୈନକିର୍ତ୍ତୀରାଜି ସମ୍ପନ୍ନ ଖଣ୍ଡଗିରୀ ଓ ଉଦୟଗିରି ଗୁମ୍ଫାର ବିକାଶ ପାଇଁ ସ୍ଥିର କରିଛନ୍ତି ।

46. 2002–03 ମସିହାରେ ରାଜ୍ୟ ଯୋଜନାରେ ପର୍ଯ୍ୟଟନ ପାଇଁ 1 କୋଟି ୪0 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ 2003–04 ଆର୍ଥିକ ବର୍ଷ ପାଇଁ 3 କୋଟି 33 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଅଛି । ଏ କ୍ଷେତ୍ରରେ ଯଥେଷ୍ଟ ଅଧିକ ଟଙ୍କା ବିନିଯୋଗ କରାଯାଇଥିବାରୁ ଏହା ରାଜ୍ୟର ପର୍ଯ୍ୟଟନ ଭିତ୍ତିଭୂମି ଉନ୍ନୟନ ଓ ଆତ୍ମନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିବ । ଏହା ବ୍ୟତୀତ ଆମର ସମୃଦ୍ଧ ସଂସ୍କୃତିକୁ ବାହାରେ ପ୍ରଚାର ଓ ପ୍ରସାର କରାଯିବା ସଂଗେ ସଂଗେ eco-tourism କୁ exploit କରାଯାଇପାରିବ ।

ସଂସ୍କୃତି

47. ଭାରତ ସରକାରଙ୍କ ସହାୟତାରେ ରାଜ୍ୟ ସଂସ୍କୃତି ବିଭାଗ କଟକ ସ୍ଥିତ ଜାନକୀନାଥ ଭବନକୁ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ରୂପେ ନାମିତ କରାଯାଇଛି । ଏହାର ଉନ୍ନତି ତଥା ସୁପରିଚାଳନା ପାଇଁ ନେତାଜୀ ଜନ୍ମଭୂମି ଟ୍ରଷ୍ଟ ଗଠନ କରାଯାଇଛି । ପ୍ରବାଦ ପୁରୁଷ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓଡିଶାରେ ଜନ୍ମ ହୋଇଥିଲେ ଏବଂ ବଢିଥିଲେ କିନ୍ତୁ ତାଙ୍କର ଜନ୍ମ ସ୍ଥାନ ଅବହେଳିତ ଥିଲା । ଏହି ପବିତ୍ର ଗୃହର ସଭ୍ୟମାନେ ଜାଣି ଖୁସି ହେବେ ଯେ ମୋ ସରକାର ତାଙ୍କ ଗୃହକୁ ଜାତୀୟ ସ୍ମାରକୀ ଭାବେ ପୁନରୁଦ୍ଧାର ପାଇଁ ସଂକଳ୍ପବଦ୍ଧ । ଏକାଦଶ ଅର୍ଥ କମିଶନଙ୍କ ପ୍ରଦତ୍ତ 10 କୋଟି ଟଙ୍କା ଅନୁଦାନରେ ପ୍ରାଚୀନ କୀର୍ତ୍ତିରାଜି ଗୁଡିକର ସଂରକ୍ଷଣ ତଥା ଉନ୍ନତିକରଣ ପାଇଁ ବହୁତ କାର୍ଯ୍ୟ ହାତକୁ ନିଆଯାଇଛି ।

48. 2002–03 ଆର୍ଥିକ ବର୍ଷରେ ସଂସ୍କୃତି ବିଭାଗ ପାଇଁ 3 କୋଟି ୪6 ଲକ୍ଷ 42 ହଜାର ଟଙ୍କା ବରାଦ ହୋଇଥିବା ବେଳେ 2003–04 ମସିହାରେ ଏ ଦିଗରେ ଯଥେଷ୍ଟ ଉନ୍ନତି ପାଇଁ 6 କୋଟି 5 ଲକ୍ଷ 83 ହଜାର ଟଙ୍କାର ବରାଦ କରାଯାଇଛି । ଏତଦବ୍ୟତୀତ 2003–04 ଆର୍ଥିକ ବର୍ଷ ପାଇଁ ରାଜ୍ୟ ସଂସ୍କୃତି ପାଣ୍ଠି ଗଠନ ପାଇଁ 50 ଲ7 ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏହି ପାଣ୍ଠି ଗଠନ ଏକ ଉତ୍ତମ ଅୟମାରମ୍ଭ ହୋଇପାରେ, କିନ୍ତୁ ଥରେ ଏହା ଗଠିତ ହୋଇଗଲେ ଘରୋଇ ତଥା ବିଭିନ୍ନ ଅନୁଷ୍ଠାନରୁ ପଇସା ଆସିବାର ପଥ ସୁଗମ ହେବ । ଏହି ପାଣ୍ଠିରୁ ମିଳିବାକୁ ଥିବା ସୁଧ ଉଚ୍ଚ ସାଂସ୍କୃତିକ ପରମ୍ପରାକୁ ଉତ୍ସାହିତ କରିବା ଦିଗରେ ବିନିଯୋଗ କରାଯିବ ।

ନଗର ଉନ୍ନୟନ

49. ନଗରାଞ୍ଚଳ ଭିତ୍ତିଭୂମି ଉନ୍ନୟନ ପାଇଁ ଜନସଂଖ୍ୟା ବହୁଳ ସହର ଯଥା ଭୁବନେଶ୍ୱର ଓ କଟକରେ Fly over Bridge ନିର୍ମାଣ, ବଡ ସହର ଯଥା ଭୁବନେଶ୍ୱର, କଟକ, ସମ୍ବଲପୁର, ବ୍ରହ୍ମପୁର ଠାରେ ବ୍ୟାପକ swerage ନିର୍ମାଣ, ଜାତୀୟ ହ୍ରଦ ସଂରକ୍ଷଣ ଯୋଜନା ଅନ୍ତର୍ଗତ ପବିତ୍ର ବିନ୍ଦୁସାଗର ପୁନରୁଦ୍ଧାର ଏବଂ ସହରାଞ୍ଚଳରେ ବଜାର ବ୍ୟବସ୍ଥାର ଉନ୍ନତୀକରଣ ଦିଗରେ ପଦକ୍ଷେପ ନିଆଯାଉଛି । ଭାରତ ସରକାରଙ୍କ ସହାୟତାରେ ଓଡିଶା ଜଳଯୋଗାଣ ଏବଂ

Swerage Board 2ଟି ବୃହତ୍ Swerage ପ୍ରକଳ୍ପ ପବିତ୍ର ପୁରୀ ଏବଂ କଟକ ସହରରେ ଯଥାକ୍ରମେ 48.28କୋଟି ଟଙ୍କା ଓ 6.84 କୋଟି ଟଙ୍କାରେ ପ୍ରବର୍ତ୍ତନ କରିବାକୁ ନଷ୍ପତ୍ତି ନେଇଛନ୍ତି ।

50. ସହରାଞ୍ଚଳ ନାଗରିକ ସେବାର ଉନ୍ନତିକରଣ ପାଇଁ ଏକାଦଶ ଅର୍ଥ କମିଶନଙ୍କ ସୁପାରିଶ ଦ୍ୱାରା ମିଳିଥିବା ଅନୁଦାନରୁ 8 କୋଟି ଟଙ୍କା ବଜେଟ୍‌ରେ ବ୍ୟବସ୍ଥା କରାଯାଇଛି । ଏହାଛଡା ନଗରାଞ୍ଚଳ ଭିତ୍ତିଭୂମି ଉନ୍ନୟନ ଦୃଢିକରଣ ଉଦ୍ୟମ ପାଇଁ 10.81 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏହି ଟଙ୍କା ସହରାଞ୍ଚଳ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡିକର ଜରୁରୀ ଉନ୍ନୟନ ମୂଳକ ଆବଶ୍ୟକତାକୁ ମେଣ୍ଟାଇବାରେ ସହାୟକ ହେବ । ଏହା ସାଙ୍ଗକୁ ସହରାଞ୍ଚଳର ରାସ୍ତା ଓ ଜଳ ନିଷ୍କାସନ ପାଇଁ 16 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏତଦ୍‌ବ୍ୟତୀତ ବସ୍ତି ଉନ୍ନୟନ କାର୍ଯ୍ୟକ୍ରମ ଭିତ୍ତିରେ 7.20 କୋଟି ଟଙ୍କାର ସ୍ୱତନ୍ତ୍ର ବ୍ୟୟ ବରାଦ କରାଯାଇଛି, ଏଥିରେ 21600 ବସ୍ତି ବାସିନ୍ଦା ଉପକୃତ ହେବେ । କେ.ବି.କେ. ଜିଲ୍ଲାରେ ସହରାଞ୍ଚଳ ଜଳ ଯୋଗାଣ ସମସ୍ୟାକୁ ଲାଘବ କରିବା ପାଇଁ ସଂଶୋଧିତ ଦିର୍ଘମିଆଦି କ୍ରିୟାଭିମୁଖୀ ଯୋଜନା ଅଧୀନରେ ଚଳିତ ବର୍ଷ 6 କୋଟି ଟଙ୍କା ଏବଂ 2003–04 ଆର୍ଥିକ ବର୍ଷ ପାଇଁ 8 କୋଟି ଟଙ୍କା ଯୋଗାଇ ଦିଆଯାଇଛି ।

51. ନୟାଗଡ, ସୋନପୁର, ବୌଦ, ହିଂଜିଳିକାଟୁ, ଉଦଳା ଓ ଖୋର୍ଦ୍ଧା ଭଳି କ୍ଷୁଦ୍ର ଓ ମଧ୍ୟମ ଶ୍ରେଣୀର ସହରମାନଙ୍କର ସମନ୍ୱିତ ବିକାଶ ପାଇଁ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ଶତକଡା 60 ଭାଗ କେନ୍ଦ୍ର ସରକାରଙ୍କର ଅନୁଦାନ ଏବଂ ଶତକଡା 40 ଭାଗ ରାଜ୍ୟ ସରକାରଙ୍କର ଅନୁଦାନ ଦ୍ୱାରା ପ୍ରବର୍ତ୍ତିତ ହେବ । IDSMT ଯୋଜନା ପ୍ରବର୍ତ୍ତନ କରାଯିବ । ଏହା ଭାରତ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଅଛି । କଟକ ସହର ଅନ୍ତର୍ଗତ IDSMT ଯୋଜନା ଭାରତ ସରକାରଙ୍କ ସକ୍ରିୟ ବିଚାରାଧୀନ ଅଛି ।

ଗ୍ରାମ୍ୟ ବିଦ୍ୟୁତ କରଣ

52. ଶକ୍ତି ସଂସ୍କାର କ୍ଷେତ୍ରରେ ଓଡିଶା ଅଗ୍ରଣୀ ଭୂମିକା ଗ୍ରହଣ କରିଅଛି । ମାତ୍ର ବିଦ୍ୟୁତ୍ ବିତରଣ ଘରୋଇ ବିତରଣ ସଂସ୍ଥାକୁ ହସ୍ତାନ୍ତର ହେଲା ପରେ ଗ୍ରାମ୍ୟ ବିଦ୍ୟୁତ୍‌କରଣ ଯୋଜନା ଅବହେଳାର ସମ୍ମୁଖୀନ ହୋଇଛି । ଏହାର ମୁଖ୍ୟ କାରଣ ହେଲା ଘରୋଇ ସଂସ୍ଥା ନିଜସ୍ୱ ସମ୍ବଳକୁ ବିନିଯୋଗ କରି ପରେ ସରକାରଙ୍କଠାରୁ ପ୍ରତିପୂରଣ ପାଇବାକୁ କୁଣ୍ଠାବୋଧ କରୁଛନ୍ତି । ଗ୍ରାମ୍ୟ ବିଦ୍ୟୁତୀକରଣ କାର୍ଯ୍ୟକ୍ରମ ଏକ ସରକାରୀ କାର୍ଯ୍ୟକ୍ରମ ଭାବେ ବିଦ୍ୟୁତ୍ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ଦ୍ୱାରା ପରିଚାଳିତ ହେବ ଏବଂ କ୍ଷେତ୍ରରେ ଏହା ବିତରକ କମ୍ପାନୀମାନଙ୍କ ଦ୍ୱାରା କାର୍ଯ୍ୟକାରୀ ହେବ । ଭାରତ ସରକାର ଏହି ଜଟିଳ ସମସ୍ୟାକୁ ଉପଲବ୍ଧି କରି ଗ୍ରାମ୍ୟ ବିଦ୍ୟୁତୀକରଣ ପାଇଁ ଆବଶ୍ୟକୀୟ ଅର୍ଥ ଯୋଗାଇ ଦେଇଛନ୍ତି । ସେଥିପାଇଁ ଆମେ ଭାରତ ସରକାରଙ୍କ ନିକଟରେ କୃତଜ୍ଞ ।

53. 2002–03 ମସିହାରେ 2158 ଗ୍ରାମକୁ ବିଦ୍ୟୁତ୍‌କରଣ କରିବା ପାଇଁ 68 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିଲା । 2003–04 ମସିହାରେ ଏଥିପାଇଁ ବ୍ୟୟବରାଦ 76 କୋଟି ଟଙ୍କାକୁ ବୃଦ୍ଧି କରି 2412 ଗ୍ରାମକୁ ବିଦ୍ୟୁତ୍‌କରଣ କରିବା ପାଇଁ ଯୋଜନା ରଖାଯାଇଛି ।

ସଂଶୋଧିତ ଦୀର୍ଘମିଆଦି କ୍ରିୟାଭିମୁଖୀ ଯୋଜନା

54. ରାଜ୍ୟ ସରକାର, ଭାରତ ସରକାରଙ୍କ ପରାମର୍ଶ କ୍ରମେ 1998–99 ମସିହାରୁ କେ.ବି.କେ. ଜିଲ୍ଲା ପାଇଁ 9 ବର୍ଷ ପାଇଁ ଏକ ସଂଶୋଧିତ ଦୀର୍ଘମିଆଦି କ୍ରିୟାଭିମୁଖୀ ଯୋଜନା ପ୍ରଣୟନ କରିଛନ୍ତି । ଏହା ସାମାଜିକ ତଥା ଅର୍ଥନୈତିକ ଦୃଷ୍ଟି କୋଣରୁ 8ଟି ପଛୁଆ ଓ ଆଦିବାସୀ ଜିଲ୍ଲାରେ କାର୍ଯ୍ୟକାରୀ ହେଉଛି । କେ.ବି.କେ. ଜିଲ୍ଲା ପାଇଁ ସଂଶୋଧିତ ଦୀର୍ଘମିଆଦି କ୍ରିୟାଭିମୁଖୀ ଯୋଜନାର ତିନୋଟି ମୁଖ୍ୟ ଉଦ୍ଦେଶ୍ୟ ଅଛି ।

(i) ମରୁଡି ନିରୋଧ,

(ii) ଉନ୍ନୟନ ଓ ଦାରିଦ୍ର୍ୟ ଦୂରୀକରଣ (Development Saturation & Poverty Alleviation)

(iii) ସ୍ୱାସ୍ଥ୍ୟ,ଶିକ୍ଷା ଓ ପୁଷ୍ଟିକର ଖାଦ୍ୟର ମାନରେ ଉନ୍ନତିକରଣ,

55. ରାଜ୍ୟ ମାନଙ୍କ ପାଇଁ ସାଧାରଣ କେନ୍ଦ୍ରୀୟ ସହାୟତା ଶତକଡା 70 ଭାଗ ଋଣ ଓ ଶତକଡା 30 ଭାଗ ଅନୁଦାନ ଆକାରରେ ମିଳିଥାଏ । ସ୍ୱତନ୍ତ୍ର ଶ୍ରେଣୀର ରାଜ୍ୟ ଭାବେ ପରିଗଣିତ ହେଉଥିବା ରାଜ୍ୟ ମାନଙ୍କ କ୍ଷେତ୍ରରେ ଏହି ସହାୟତା 90 ଭାଗ ଅନୁଦାନ ଓ 10 ଭାଗ ଋଣ ଆକାରରେ ମିଳିଥାଏ । ପୁର୍ବରୁ କେନ୍ଦ୍ର ସରକାର କେ.ବି.କେ. ଜିଲ୍ଲା ମାନଙ୍କୁ ଅନ୍ୟ ଅଣ ସ୍ୱତନ୍ତ୍ର ଶ୍ରେଣୀ ରାଜ୍ୟ ଭଳି ସହାୟତା ଶତକଡା 70 ପ୍ରତିଶତ ଋଣ ଓ 30 ପ୍ରତିଶତ ଅନୁଦାନ ଆକାରରେ ଦେଉଥିଲେ । 2002–03 ମସିହା ଠାରୁ ମୋ ସରକାର ଶତପ୍ରତିଶତ ଅନୁଦାନ ଆକାରରେ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏଥିପାଇଁ ଆମେ ଭାରତ ସରକାରଙ୍କ ନିକଟରେ କୃତଜ୍ଞ ଏବଂ ବ୍ୟକ୍ତିଗତ ଭାବରେ ମୁଁ ଆମର ସମ୍ମାନନୀୟ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଜି, କେନ୍ଦ୍ର ଅର୍ଥମନ୍ତ୍ରୀ ଯଶବନ୍ତ ସିହ୍ନାଙ୍କୁ ଏବଂ ଯୋଜନା କମିଶନର ଉପାଧକ୍ଷ୍ୟ ଶ୍ରୀ କୃଷ୍ଣ ଚନ୍ଦ୍ର ପନ୍ଥଙ୍କୁ ଏହି ଅଞ୍ଚଳରେ ବାସକରୁଥିବା ଅସଂଖ୍ୟ ଗରିବ ଲୋକଙ୍କ ପ୍ରତି ଦେଇଥିବା ସ୍ୱତନ୍ତ୍ର ସାହାଯ୍ୟ ନିମନ୍ତେ କୃତଜ୍ଞତା ଜଣାଉଛି । କେ.ବି.କେ ଜିଲ୍ଲା ପାଇଁ 2002–03 ଆର୍ଥିକ ବର୍ଷରେ 200 କୋଟି ଟଙ୍କା ପରିକଳ୍ପିତ ହୋଇଥିବା ବେଳେ 2003–04 ଆର୍ଥିକ ବର୍ଷରେ ବାର୍ଷିକ କ୍ରିୟାଭିମୂଖୀ ଯୋଜନା ଉଦ୍ଦେଶ୍ୟରେ 250 କୋଟି ଟଙ୍କାର ବ୍ୟୟ ବରାଦ ହୋଇଅଛି । ଏହାଛଡା କେ.ବି.କେ. ଜିଲ୍ଲାରେ 2003–04 ମସିହାରେ ତ୍ୱରିତ ଜଳସେଚନ ସୁବିଧା କାର୍ଯ୍ୟକ୍ରମ ଅଧୀନରେ ବିଭିନ୍ନ ଜଳସେଚନ ଯୋଜନା କାର୍ଯ୍ୟକାରୀ କରିବାପାଇଁ କେନ୍ଦ୍ର ସରକାରଙ୍କ ଠାରୁ 140 କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ମିଳିବାର ବନ୍ଦୋବସ୍ତ କରାଯାଇଛି ।

ପଶ୍ଚିମ ଓଡିଶା ବିକାଶ ପରିଷଦ

56. ପଶ୍ଚିମ ଓଡିଶାର ଜିଲ୍ଲାମାନଙ୍କର ସନ୍ନୁକ୍ଷେତ୍ରରେ ଭିତ୍ତିଭୂମି ପ୍ରଗତିର ବାହାକ ରୂପେ ମୋ ସରକାର ସମୟରେ ପଶ୍ଚିମ ଓଡିଶା ବିକାଶ ପରିଷଦ ସଗର୍ବେ ଦଣ୍ଡାୟମାନ । 1568 ଗୋଟି ପ୍ରକଳ୍ପ ପାଇଁ 90 କୋଟି ଟଙ୍କାର ପ୍ରଶାସନିକ ମଞ୍ଜୁରୀ ମିଳି ସାରିଲାଣି ଏବଂ 10ଟି ଜିଲ୍ଲା ପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦ 54 କୋଟି ଟଙ୍କା ଦେଇ ସାରିଲେଣି । ଏହି ଟଙ୍କା ରାସ୍ତା, ବନ୍ଧର ପୁନଃନିର୍ମାଣ, ମରୁଡି ପ୍ରତିରୋଧ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସହାୟତା ପ୍ରଦାନ ଏବଂ ଗ୍ରାମ୍ୟ ବିଦ୍ୟୁତ୍‌କରଣ କ୍ଷେତ୍ରରେ ବିନିଯୋଗ କରାଯିବ । ବନ୍ଧର ପୁନରୁଦ୍ଧାର ପାଇଁ 10 ଲକ୍ଷ ଟଙ୍କା ଗ୍ରାମ୍ୟ ବିଦ୍ୟୁତ୍‌କରଣ ପାଇଁ 10 ଲକ୍ଷ ଟଙ୍କା ଉଠା ଜଳସେଚନ ପାଇଁ 30 ଲକ୍ଷ ଟଙ୍କା ପଶ୍ଚିମ ଓଡିଶା ବିକାଶ ପରିଷଦ ଅର୍ନ୍ତଭୁକ୍ତ ପ୍ରତ୍ୟେକ ବିଧାନସଭା ନିର୍ବାଚନ ମଣ୍ଡଳିକୁ ଯୋଗାଇଦେବା ଛଡା ସ୍କୁଲ ଓ କଲେଜର ଭିତ୍ତିଭୂମି ସହାୟତା ପାଇଁ ଅନ୍ତତଃ ପକ୍ଷେ 10 ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଛି ।

57. ଏହା ଘୋଷଣା କରିବାରେ ମତେ ଗଭୀର ସନ୍ତୋଷ ମିଳୁଛି ଯେ ବଲାଙ୍ଗିର, ଭବାନୀପାଟଣା ଓ ରାଉରକେଲା ଠାରେ 3 ଟି ମେଡିକାଲ କଲେଜ ଖୋଲିବା ପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦକୁ କ୍ଷମତା ପ୍ରଦାନ କରାଯାଇଛି । ଏ ଦିଗରେ ଖୋଲା ବିଜ୍ଞାପନ ଜରିଆରେ ବେସରକାରୀ ଉଦ୍ୟୋଗ ପ୍ରତି ଅର୍ଥନୈତିକ ସଂସ୍ଥା ଓ ସ୍ୱେଚ୍ଛାସେବୀ ସଂଗଠନ ଠାରୁ ଭଲ ଉତ୍ସୁକତା ମିଳୁଛି । ସେମାନଙ୍କ ଦରଖାସ୍ତ ଗୁଡିକୁ ଯାଞ୍ଚ କରାଯାଉଛି ଏବଂ ଖୁବ୍ ଶୀଘ୍ର ପଶ୍ଚିମ ଓଡିଶା ବିକାଶ ପରିଷଦ ଏବଂ ରାଜ୍ୟ ସରକାର ବେସରକାରୀ ସଂସ୍ଥା ସହ ଏକ ରାଜିନାମା କରିବେ । ଏଥି ପାଇଁ ସରକାର ଆବଶ୍ୟକ ପଡୁଥିବା ଜମି ମାଗଣାରେ ଯୋଗାଇ ଦେବେ ଏବଂ ପଶ୍ଚିମ ଓଡିଶା ବିକାଶ ପରିଷଦ 3 ବର୍ଷ ପାଇଁ ପ୍ରତ୍ୟେକ 3 ଟି ମେଡିକାଲ କଲେଜ ପାଇଁ 10 କୋଟି ଟଙ୍କା ପ୍ରଦାନ କରିବେ ।

58. ମାନ୍ୟବର ସଭ୍ୟମାନେ ଜାଣି ଖୁସି ହେବ ଯେ ଅନୁଗୁଳ ଜିଲ୍ଲାର ଆଠମଲ୍ଲିକ ସବ୍‌ଡିଭିଜନକୁ ଏହି ପରିଷଦରେ ଅର୍ନ୍ତଭୁକ୍ତ କରିବା ପାଇଁ ପଦକ୍ଷେପ ନିଆଯାଉଛି ।

59. ଚଳିତ 2002–03 ଆର୍ଥିକ ବର୍ଷରେ 50 କୋଟି ଟଙ୍କା ଯୋଗାଇ ଦିଆଯାଇଛି । ପ୍ରାଥମିକ ସ୍ତରରେ 2003–04 ମସିହା ପାଇଁ 30 କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଛି ଏବଂ ପରେ ଆଉ 20 କୋଟି ଟଙ୍କା ଯୋଗାଇ ଦିଆଯିବ ।

ବିଧାୟକ ସ୍ଥାନୀୟ ଉନ୍ନୟନ ପାଣ୍ଠି ଓ ନିର୍ବାଚନ ମଣ୍ଡଳୀ ଭିତ୍ତିକ ଅର୍ଥ ବଣ୍ଟନ

60. ବର୍ତ୍ତମାନ ବିଧାନ ସଭା ନିର୍ବାଚନ ମଣ୍ଡଳୀ ପିଛା ବିଧାୟକ ସ୍ଥାନୀୟ ଉନ୍ନୟନ ପାଣ୍ଠି ପାଇଁ 50 ଲକ୍ଷ ଟଙ୍କା ପ୍ରତି ବିଧାୟକଙ୍କୁ ପ୍ରଦାନ କରାଯାଉଛି । ସେହିପରି ନିର୍ବାଚନ ମଣ୍ଡଳୀ ଭିତ୍ତିରେ ଗ୍ରାମ୍ୟ ରାସ୍ତା ନିର୍ମାଣ ପାଇଁ ମୋଟ 14 କୋଟି 50 ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି ।

**ସ୍ୱତନ୍ତ୍ର ସମସ୍ୟା ପାଣ୍ଠି**

61. ବିଭିନ୍ନ ସମୟରେ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ପାଇଁ ନିଆଯାଉଥିବା ପ୍ରକଳ୍ପ ଗୁଡିକ ସ୍ଥାନୀୟ ଅଞ୍ଚଳର ନିର୍ଦ୍ଦିଷ୍ଟ ସମସ୍ୟାକୁ ସମାଧାନ କରିପାରୁ ନାହିଁ । ଯେଉଁ critical needs ରାଜ୍ୟ ସରକାରଙ୍କର ପ୍ରଚଳିତ ଯୋଜନା ଓ କାର୍ଯ୍ୟକ୍ରମ ଦ୍ୱାରା ସମାଧିତ ହୋଇପାରିବ ନାହିଁ, ସେ ସବୁର ସମାଧାନ ପାଇଁ 1997 ମସିହାରୁ ଓଡିଶା ସରକାର ସ୍ୱତନ୍ତ୍ର ସମସ୍ୟା ପାଣ୍ଠି ସୃଷ୍ଟି କରିଛନ୍ତି । 2002–03 ଆର୍ଥିକ ବର୍ଷ ପାଇଁ ଏଥି ପାଇଁ 3 କୋଟି ଟଙ୍କାର ବ୍ୟୟବରାଦ ହୋଇଥିବା ବେଳେ 2003–04 ମସିହା ପାଇଁ ସ୍ୱତନ୍ତ୍ର ସମସ୍ୟା ପାଣ୍ଠି ନିମନ୍ତେ ଯୋଜନା ଓ ସମନ୍ୱୟ ବିଭାଗର ବଜେଟ୍‌ରେ 10 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

**ପୋଷଣୀୟ ଉନ୍ନତି ପାଇଁ କ୍ଷୁଦ୍ର ଯୋଜନା (Micor planning for sustain-able develop-ment)**

62. ପାଣିପଞ୍ଚାୟତ ଓ ବନ ସଂରକ୍ଷଣ ସମିତିରୁ ଆମକୁ ମିଳିଥିବା ଅଭିଜ୍ଞତା ଏହା ସୂଚାଇ ଦେଉଛି ଯେ, ପ୍ରକଳ୍ପ ଚୟନ ଏବଂ ରୂପାୟନରେ ସ୍ଥାନୀୟ ଗୋଷ୍ଠୀର ଯୋଗଦାନ ଉନ୍ନୟନ ପକ୍ରିୟାକୁ ପୋଷଣୀୟ କରିବ । ଏଥିପାଇଁ ଏକ ବାତାବରଣ ସୃଷ୍ଟି ହେବା ଦରକାର । ସୁତରାଂ ଗୋଷ୍ଠୀ ଯୋଗଦାନରେ ଏକକ୍ଷୁଦ୍ର ଯୋଜନା ପ୍ରକଳ୍ପ 2003–04 ଆର୍ଥିକ ବର୍ଷରୁ କାର୍ଯ୍ୟକାରୀ ହେବ । ଏଥି ପାଇଁ ପ୍ରାରମ୍ଭରେ 5 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ପ୍ରକଳ୍ପଟି ସ୍ଥାନୀୟ ଲୋକ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଏମ୍.ଏଲ୍.ଏ. ଓ ଏମ୍.ପି.ଙ୍କ ସ୍ଥାନୀୟ ଲୋକପ୍ରତିନିଧିଙ୍କ ବିଚାର ବିମର୍ଷ କ୍ରମେ ମନୋନୟନ କରାଯିବ ।

**ଆତ୍ମ ନିଯୁକ୍ତି**

63. ଶିକ୍ଷିତ ଯୁବକମାନଙ୍କ ମଧ୍ୟରେ ବେକାରୀ ସମସ୍ୟା ଏକ ଉତ୍କଟ ସମସ୍ୟା ରୂପେ ଦେଖାଦେଇଛି । ଏହା ଉଦ୍‌ବେଗର କାରଣ ଅଟେ । ଶିକ୍ଷିତ ଯୁବକଙ୍କୁ ଆଖି ଆଗରେ ରଖି ଆତ୍ମ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ସ୍ୱତନ୍ତ୍ର ଯୋଜନା ପାଇଁ ଆମେ ପ୍ରସ୍ତାବ ରଖୁଛୁ । ଏହି ଉଦ୍ଦେଶ୍ୟରେ ଆମେ କୃଷି, ଉଦ୍ୟାନ, ପଶୁପାଳନ, ମତ୍ସ୍ୟ ଚାଷ, ପରିବହନ ଇତ୍ୟାଦି କ୍ଷେତ୍ରକୁ ଚିହ୍ନଟ କରିଛୁ, ଯେଉଁଥିରେ ନୂଆ କର୍ମନିଯୁକ୍ତି ସୁବିଧା ଅଛି ।

64. 2003–04 ମସିହାରେ ଏ ସବୁ କ୍ଷେତ୍ରରେ ଅତିରିକ୍ତ 1 ଲକ୍ଷ ଚାକିରୀ ସୃଷ୍ଟି କରିବା ଆମର ଲକ୍ଷ୍ୟ ହେବ । କାର୍ଯ୍ୟକ୍ରମ ଓ ନୀତି ପର୍ଯ୍ୟବେକ୍ଷିତ ସାହାଯ୍ୟ ଛଡା ରାଜ୍ୟ ସରକାର ସରକାରୀ ପୋତ୍ସାହନ ଯୋଗାଇ ଦେବେ, ଯେଉଁ ଜାଗାରେ ପ୍ରଚଳିତ ଥିବା ରାଜ୍ୟ ଓ କେନ୍ଦ୍ରର ଯୋଜନା ଏବଂ କାର୍ଯ୍ୟ କ୍ରମରେ ବର୍ତ୍ତମାନ ସହାୟତା ମିଳୁ ନାହିଁ, ସେ ସବୁ ଜାଗାରେ କର୍ମନିଯୁକ୍ତି ସୁବିଧା ସୃଷ୍ଟି କରିବା ପାଇଁ କାର୍ଯ୍ୟକ୍ରମମାନ ଗ୍ରହଣ କରିବେ । ଏ କାର୍ଯ୍ୟକ୍ରମର ବିସ୍ତୃତ ବିବରଣୀ 2003–04 ମସିହାର ପ୍ରଥମ ଚତୁର୍ଥାଂଶରେ ଅର୍ଥାତ୍ ମାର୍ଚ୍ଚ ଠାରୁ ଜୁନ୍ ମଧ୍ୟରେ ସ୍ଥିର ହେବ । ମାନ୍ୟବର

ସଭ୍ୟମାନେ ଏହା ଜାଣି ଖୁସି ହେବେ ଯେ, ରାଜ୍ୟ ଯୋଜନାରେ ସ୍ୱତନ୍ତ୍ର ଆତ୍ମ ନିଯୁକ୍ତି କାର୍ଯ୍ୟକ୍ରମ ଅଧୀନରେ 5 କୋଟି ଟଙ୍କା ବ୍ୟୟ୍ ବରାଦ ରଖାଯାଇଛି ।

ସରକାରୀ ଉଦ୍ୟୋଗର ପୁନଃବିନ୍ୟାସ

65. ରାଜ୍ୟ ସରକାର ସରକାରୀ ଉଦ୍ୟୋଗରେ ସ୍ୱେଚ୍ଛାକୃତ ଅବସର ଯୋଜନା ପାଇଁ 2003–04 ବଜେଟ୍‌ରେ 60 କୋଟି ଟଙ୍କାର ବ୍ୟୟ୍‌ବରାଦ କରିଛନ୍ତି ।

66. ସ୍ୱେଚ୍ଛାକୃତ ଅବସର/ସ୍ୱେଚ୍ଛାକୃତ ପୃଥକୀକରଣରେ ବିଦାୟ୍ ନେଉଥିବା କର୍ମଚାରୀଙ୍କ ପାଇଁ ସାଧାରଣ ଉଦ୍ୟୋଗ ଦ୍ୱାରା 1999 ମସିହା ଡିସେମ୍ବର ମାସରୁ ଏକ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ପ୍ରବର୍ତ୍ତିତ ହୋଇଛି । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ୟବସାୟ୍‌ରେ ଦକ୍ଷତା ବୃଦ୍ଧିକରି ଆତ୍ମ ନିଯୁକ୍ତି ସୁଯୋଗ ହାସଲ କରିବା ପାଇଁ ସାଧାରଣ ଉଦ୍ୟୋଗର କର୍ମଚାରୀଙ୍କୁ ଉପଦେଶ ଏବଂ ପୁନଃ ପ୍ରଶିକ୍ଷଣ ଦିଆଯାଉଛି । 2002–03 ମସିହାରେ 2704 ଅବସର ପ୍ରାପ୍ତ କର୍ମଚାରୀଙ୍କୁ ପରାମର୍ଶ ଦିଆଯାଇଛି ଏବଂ 1893 ଅବସର ପ୍ରାପ୍ତ କର୍ମଚାରୀଙ୍କୁ ବିଭିନ୍ନ କ୍ଷେତ୍ରରେ ପ୍ରଶିକ୍ଷଣ ଦିଆଯାଇଛି । ତନ୍ମଧ୍ୟରୁ 1813 କର୍ମଚାରୀ ବର୍ତ୍ତମାନ ଆତ୍ମନିଯୁକ୍ତି ପାଇଛନ୍ତି ଏବଂ 357 କର୍ମଚାରୀ ବେସରକାରୀ ପ୍ରତିଷ୍ଠାନରେ ଚାକିରୀ ପାଇଛନ୍ତି ।

67. ସୀମିତ ସମ୍ବଳ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା ମୂଳକ ଦାବୀକୁ ବିଚାରକୁ ନେଇ ସମସ୍ତଙ୍କ ଯଥାଯଥ ଭାବରେ ଆବଣ୍ଟନ କରିବାକୁ ଚେଷ୍ଟା କରିଛି । ଏହା ଭଲଭାବରେ ହୃଦୟ୍‌ଙ୍ଗମ କରିବା ଉଚିତ୍ ଯେ ବଜେଟ୍‌ର ବ୍ୟୟ୍‌ବରାଦ ପାଇଁ ଅନୁରୂପ ସମ୍ବଳ ସଂଗ୍ରହ ହେବା ଅପରିହାର୍ଯ୍ୟ ।

68. ଉନ୍ନତି ପାଇଁ ଆମ ରାଜ୍ୟର ପ୍ରଚୁର ସାମର୍ଥ୍ୟ ଅଛି । ଆମକୁ ଏହି ସାମର୍ଥ୍ୟକୁ ବାସ୍ତବରେ ପରିଣତ କରିବାକୁ ହେବ । ଗତ 3 ବର୍ଷ ମଧ୍ୟରେ ରାଜ୍ୟର ପ୍ରଗତି ପାଇଁ ବହୁ ପଦକ୍ଷେପ ନିଆଯାଇଛି, କିନ୍ତୁ ଆହୁରି ଅନେକ କିଛି କରିବାକୁ ବାକି ଅଛି । ମୁଁ ଏ ବିଷୟ୍‌ରେ ନିଃସନ୍ଦେହ ଯେ, ଆମ ସମସ୍ତଙ୍କର ଏବଂ ସମାଜର ସବୁ ବର୍ଗର ସମ୍ମିଳିତ ଉଦ୍ୟମ ଦ୍ୱାରା ରାଜ୍ୟ ଦ୍ରୁତ ପ୍ରଗତି ପଥରେ ଆଗେଇ ଯିବା ସମ୍ଭବ ହେବ । ମାନ୍ୟବର ସଦସ୍ୟମାନେ ଏକ ମତ ହେବେ ଯେ ନୂଆ ସହସ୍ରାବ୍ଦ ଓଡିଶା ପାଇଁ – ଏ ବିଷୟ୍‌ରେ ମୁଁ ଦୃଢ ନିଶ୍ଚିତ ।

69. ବାଚସ୍ପତି ମହାଶୟ୍ ! ମୋର ଅଭିଭାଷଣକୁ ଧୈର୍ଯ୍ୟର ସହ ଶୁଣିଥିବାରୁ ମୁଁ ଆପଣଙ୍କୁ ଏବଂ ଏହି ମହାନ ଗୃହର ସଦସ୍ୟ ମାନଙ୍କୁ କୃତଜ୍ଞତା ଜଣାଉଛି ।

ମହାଶୟ୍ ! ମୁଁ ଆପଣଙ୍କୁ ଆଉଥରେ ଧନ୍ୟବାଦ ଜଣାଇ ରହୁଛି ।

**ବନ୍ଦେ ଉତ୍କଳ ଜନନୀ**